অধিক খবর জাণিবাকু



ODIA WEEKLY

ଓଡ଼ିଆ ସାପ୍ତାହିକ

# ଓଡ଼ିଶା ଫାଷ୍ଟ

ODISHA FAST

PRGI Regd. No.: ODIODI2014/57644

Vol-1 • Issue No.-3 • 22-28 July 2025 • Bhubaneswar, Odisha • Price-Rs. 5.00 ବର୍ଷ-୧ ସଂଖ୍ୟା-୩ ୨୨-୨୮ ଜୁଲାଇ ୨୦୨୫ ଭୁବନେଶ୍ୱର • ଓଡ଼ିଶା ମୂଲ୍ୟ-୫ ଟଙ୍କା



ଅଧିକ ଖବର ଜାଣିବାକୁ
ପଢ଼ନ୍ତୁ
ଓଡ଼ିଶାଫାଷ୍ଟ ଡିଜିଟାଲ
www.odishafast.in
youtube:odishafast




ଏବେ ବି ରହିଛି ବହୁପତି ପ୍ରଥା

# ବିଜେଡିର ନୂଆ ନେତା..ଆସୁଛନ୍ତି ଅପା ସୁଜାତା...

- ଖୁବ୍‌ଶୀଘ୍ର ଦଳରେ ମିଶିବେ
- ଆସନ୍ତା ବର୍ଷ ଯିବେ ରାଜ୍ୟ ସଭା
- କଥା ଦେଇଛନ୍ତି ମାଇନିଂ ସିଣ୍ଡିକେଟ୍
- ପୂର୍ବପରି ସୁରକ୍ଷା ଯୋଗାଇବେ ଅଶ୍ୱିନୀ ବୈଷ୍ଣବ



**ଭୁବନେଶ୍ୱର :(ଜିତେନ୍ଦ୍ର ମହାନ୍ତି) :** ଖୁବ୍‌ଶୀଘ୍ର ବିଜେଡିରେ ଆନୁଷ୍ଠାନିକ ଭାବେ ଯୋଗ ଦେବେ ସୁଜାତା କାର୍ତ୍ତିକେୟନ । ବିଜେଡିର ସଦସ୍ୟ ହେବା ପରେ ଏକ ଗୁରୁତ୍ୱପୂର୍ଣ୍ଣ ଦଳୀୟ ପଦ ତାଙ୍କୁ ପ୍ରଦାନ କରାଯିବ । ଏନେଇ ଦଳ ପରିଚାଳନା କରୁଥିବା ଗୋଷ୍ଠୀ ମଧ୍ୟରେ ସହମତି ଅଣାଯାଇ ସାରିଲାଣି । ଆସନ୍ତା ବର୍ଷ ୪ଟି ରାଜ୍ୟସଭା ଆସନ ଖାଲି ହେବାକୁ ଯାଉଛି । ପ୍ରଥମ ଦୁଇଟି ଆସନ ବିଜେପି ଅତି ସହଜରେ ହାତେଇ ପାରିବ । ଗୋଟିଏ ଆସନ ବିଜେଡି ମଧ୍ୟ ପାଇବ । ଏହି ଆସନରେ ସୁଜାତା ହିଁ ରାଜ୍ୟସଭାକୁ ଯିବେ ।

ସେହିପରି ଚତୁର୍ଥ ଆସନ ପାଇଁ ବିଜେପି ପ୍ରାର୍ଥୀ ଦେବ । ଏହାକୁ ବିଜେଡି ନୀରବ ସମର୍ଥନ ଦେବ । ଯେମିତି ପୂର୍ବରୁ ଅଶ୍ୱିନୀ ବୈଷ୍ଣବଙ୍କୁ ନିସର୍ତ୍ ସମର୍ଥନ ଦେଇଥିଲା । ସେହିପରି ଭିକେ ପାଣ୍ଡିଆନଙ୍କୁ କୌଣସି ପ୍ରକାର ହଇରାଣ କରାଯିବ ନାହିଁ । ଏନେଇ ତାଙ୍କୁ ଅଭୟ ବାଣୀ ପ୍ରଦାନ କରିଛନ୍ତି ଶ୍ରୀ ବୈଷ୍ଣବ । ବିଜେଡି ପୂର୍ବରୁ ମଧ୍ୟ ଦିନରେ ଦଳରେ ମିଶାଇ ସନ୍ଧ୍ୟାରେ ରାଜ୍ୟସଭା ଘୋଷଣା କରିସାରିଛି । ଏହି ତାଲିକାରେ ଅଚ୍ୟୁତ ସାମନ୍ତ, ସୌମ୍ୟ ରଞ୍ଜନ ପଟ୍ଟନାୟକ ପ୍ରମୁଖ । କେତେବେଳେ ଅପେକ୍ଷାକୃତ ଯୁବ ନେତୃତ୍ୱଙ୍କୁ ମଧ୍ୟ ରାଜ୍ୟସଭା ପଠାଇଛି । ତେଣୁ ଚଳିତ ଥର ମଧ୍ୟ ଦଳୀୟ ନେତାଙ୍କୁ ବାଦ୍ ଦେଇ ସୁଜାତାଙ୍କୁ ରାଜ୍ୟସଭା ପଠାଯିବ ବୋଲି ଜଣାପଡିଛି ।

ସୁଜାତାଙ୍କ ନାମ ଆସିବା ପୂର୍ବରୁ ଏକମାତ୍ର ନିରାପଦ ଆସନ ପାଇଁ ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ଅଶୋକ ପଣ୍ଡା, ସଞ୍ଜୟ କୁମାର ଦାସବର୍ମା, ରମେଶ ମାଝୀ, ସନ୍ତୃପ୍ତ ମିଶ୍ର, ଅରୂପ ପଟ୍ଟନାୟକ, ଅମର ପଟ୍ଟନାୟକ, ପ୍ରଫୁଲ୍ଲ ସାମଲ, ପ୍ରଶାନ୍ତ ମୁଦୁଲି, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ଲେଖାଶ୍ରୀ ସାମନ୍ତସିଂହାର ପ୍ରମୁଖ ଦାବିଦାର ରହିଥିଲେ । ମାତ୍ର ଭିକେ ପାଣ୍ଡିଆନ, ନବୀନ ପଟ୍ଟନାୟକଙ୍କ ନିଷ୍ପତି ପରେ ଉପରୋକ୍ତ ନେତାମାନେ ନିଜକୁ ଓହରାଇ ନେଇଛନ୍ତି । କିଛି ସାଂପ୍ରଦାୟିକ ଶକ୍ତି ବିରୋଧୀ ଶକ୍ତି ବିଜେଡି ସହ ଇଣ୍ଡିଆ ଗଠବନ୍ଧନ ସହ ଯାଇ ଚତୁର୍ଥ ପ୍ରାର୍ଥୀ ଦେବାକୁ ପ୍ରସ୍ତାବ ଦେଇଛନ୍ତି । ମାତ୍ର ବିଜେଡିର ଶୀର୍ଷ ନେତୃତ୍ୱ ଏଥିରେ ରାଜି ନାହାନ୍ତି ।

ଭୈରବଙ୍କ ଶିବିର କହିବାନୁଯାୟୀ, ବର୍ଷ ପୂରାଣୀ ପରେ ମଧ୍ୟ କେନ୍ଦ୍ର ନେତୃତ୍ୱ ସାରଙ୍କ କିଛି କ୍ଷତି କରିନାହିଁ । ସାର ତାଙ୍କ ଅନୁଗତଙ୍କୁ ଡେପୁଟେସନରେ ଭଲ ଭଲ ସ୍ଥାନରେ ପୋଷ୍ଟିଂ ଦେଇଛନ୍ତି । ବିଜେଡି ପାଣ୍ଠି ମଧ୍ୟ ସାର ଅନୁଧ୍ୟାନ କରିବେ । ସାର ଫସିବେ ମାନେ ନବୀନ ବାବୁ ଏବଂ ବବି ଭାଇ ଫସିବେ । ତେଣୁ ବିଜେପି ସହ ଝଗଡ଼ା କରିବା ଅପେକ୍ଷା ତାଙ୍କୁ ପୂର୍ବବତ ଭିତିରିଆ ସମର୍ଥନ ଯୋଗାଇ ଦେଲେ ଅସୁବିଧା ନାହିଁ ।



ଓଡ଼ିଆ ସାପ୍ତାହିକ ଖବରକାଗଜ **'ଓଡ଼ିଶା ଫାଷ୍ଟ'**ର ପ୍ରଥକ ସଂଖ୍ୟାକୁ ଓଡ଼ିଶା ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଉନ୍ମୋଚନ କରୁଛନ୍ତି । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ମାଧବାନନ୍ଦ ବେହୁରା ଉପସ୍ଥିତ ଅଛନ୍ତି ।

# ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ ହେଲେ ପୀଡିତା

**ଭୁବନେଶ୍ୱର (ଓଡ଼ିଶା ଫାଷ୍ଟ) :** ବଲଙ୍ଗା ପୀଡିତାଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଛି । ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରରୁ ଦିଲ୍ଲୀକୁ ସ୍ଥାନାନ୍ତର କରାଯାଇଛି । ପୀଡିତା ନାବାଳିକାଙ୍କ ସହ ତାଙ୍କ ପରିବାର ଲୋକ ମଧ୍ୟ ଦିଲ୍ଲୀ ଯାଇଛନ୍ତି । ଗ୍ରୀନ କରିଡର ମାଧ୍ୟମରେ ତାଙ୍କୁ ବିଜୁ ପଟ୍ଟନାୟକ ବିମାନବନ୍ଦର ନିଆଯାଇଥିଲା । ଆମ୍ବୁଲାନ୍ସ ୧୨ ମିନିଟରେ ଏମ୍ସ ଭୁବନେଶ୍ୱରରୁ ବିମାନ ବନ୍ଦରରେ ପହଂଚିଥିଲା ।

ପୀଡିତାଙ୍କ ସ୍ୱାସ୍ଥ୍ୟବସ୍ଥାର ଉନ୍ନତି ଘଟିଥିବା ବେଳେ ଏବେ ମଧ୍ୟ ସେ ଗୁରୁତର ରହିଛନ୍ତି । ଏୟାରଲିଫ୍ଟକୁ ନେଇ ପରିବାର ଲୋକଙ୍କ ସହ ଆଲୋଚନା କରାଯାଇଥିଲା । ସେଥିରେ ସମସ୍ତେ ରାଜି ହୋଇଥିଲେ । ଏୟାରଲିଫ୍ଟକୁ ନେଇ ଦିଲ୍ଲୀ ଏମ୍ସରୁ ଡାକ୍ତର ଟିମ ଆସିଥିଲେ । ଏୟାରଲିଫଂଟ ବେଳେ ପରିବାର ମଧ୍ୟ ଦିଲ୍ଲୀ ଯାଇଛନ୍ତି । ପୀଡିତା ଅର୍ଥାତ ରୋଗୀର ରକ୍ତଚାପ କମ ରହିଥିଲା ।

**ଅବସ୍ଥା ଉଦବେଗଜନକ ରହିଛି**

ଆଜି ଅପରାହ୍ଣ ୪.୨୦ରେ ପୀଡିତା ଦିଲ୍ଲୀ ଏମ୍ସରେ ଭର୍ତି ହୋଇଥିବା ହସପିଟାଲ ପକ୍ଷରୁ କୁହାଯାଇଛି । ବର୍ଣ୍ଣ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ୟୁନିଟ୍ ଆଇସିୟୁରେ ତାଙ୍କର ଚିକିତ୍ସା ଚାଲିଛି । ନାବାଳିକାଙ୍କ ଅବସ୍ଥା ଗୁରୁତର ରହିଛି ଏବଂ ସେ ଅକ୍ସିଜେନ୍ ସପୋର୍ଟରେ ଅଛନ୍ତି । ଦିଲ୍ଲୀ ଏମ୍ସ ଡାକ୍ତର ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ନିରନ୍ତର ଭାବେ ନୀରିକ୍ଷଣ କରୁଛନ୍ତି । 'ତେବେ ତାଙ୍କ ଶରୀରର ୭୫ ପ୍ରତିଶତ ପୋଡ଼ିଯାଇଛି । ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ରହିଛି ବୋଲି ଏମ୍ସ ଦିଲ୍ଲୀ ମିଡିଆ ସେଲ୍ ଇନଚାର୍ଜ ପ୍ରଫେସର ଡା. ରିମା ଦାଦା କହିଛନ୍ତି । (ପୃଷ୍ଠା-୨ ଦେଖନ୍ତୁ)



# ଏବେ ବି ଚାଲିଛି ଅଫିସର ରାଜ !

**ଭୁବନେଶ୍ୱର (ଓଡ଼ିଶା ଫାଷ୍ଟ) :** ବାଲେଶ୍ୱର ଏଫଏମ ଛାତ୍ରୀ ଆତ୍ମହୂତି ଘଟଣାରେ ବିରୋଧୀ ସାଂସଦ ପ୍ରତାପ ଷଡଙ୍ଗୀଙ୍କୁ ଘେରିବା ପରେ ସେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ । ସେ କହିଥିଲେ, ପୀଡତା ତାଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ । ସେ ଏସପି ଓ କଲେଜ ପ୍ରିନ୍ସପାଲ୍‌ଙ୍କୁ ଏକଧିକ ଥର ଜଣାଇଥିଲେ । ସାଂସଦ ତାଙ୍କ ଦାୟିତ୍ୱ ସଠିକ ଭାବେ ତୁଲାଇଛନ୍ତି । ହେଲେ ଏସପି ଓ ପ୍ରିନ୍ସପାଲ ଅବହେଳା କରିଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି, ଶାସକ ଦଳର ସାଂସଦ ଏସପି ଓ ପ୍ରିନ୍ସପାଲଙ୍କୁ ଜଣାଇବା ପରେ କାହିଁକି କେହି ପଦକ୍ଷେପ ନେଲେନାହିଁ ? ବିଜେପି ଶାସନରେ କ'ଣ ଅଫିସର ରାଜ ଚାଲିଛି କି ?

ବିଜେଡି ସରକାରରେ ଅମଲାତନ୍ତ୍ରକୁ ବିଶେଷ ଗୁରୁତ୍ୱ ବେଶ ଚର୍ଚ୍ଚାରେ ରହିଥିଲା । ପ୍ୟାରୀବାବୁଙ୍କ ପରେ ପାଣ୍ଡିଆନ ଯେଭଳି ପାୱାରଫୁଲ ଥିଲେ ଏବଂ ଅମଲାଙ୍କୁ ଅତ୍ୟଧିକ କ୍ଷମତା ଦିଆଯିବା ଦୃଷ୍ଟିରୁ ବିଜେଡି ସରକାରରେ ଅଫିସରରାଜ ଚାଲିଥିବା କୁହାଯାଉଥିଲା । ଏବେ ବିଜେପି ସରକାର ଗଠନକୁ ବର୍ଷେ ଏକମାସରୁ ଅଧିକ ସମୟ ବିତିଲାଣି । ବିଧାୟକ ଓ ମନ୍ତ୍ରୀଙ୍କ କଥା ଅଫିସର ଶୁଣୁନଥିବା କୁହାଯାଉଛି । ନବୀନ ପଟ୍ଟନାୟକ ନେତୃତ୍ୱାଧୀନ ବିଜେଡି ସରକାରର ପ୍ରାରମ୍ଭିକ ପର୍ଯ୍ୟାୟରେ ଚର୍ଚ୍ଚା ହେଉଥିଲା ବେଣୁ-ଯୁଗଳ-ପ୍ୟାରୀ । ପରବର୍ତୀ ସମୟରେ ଆଇଏଏସରୁ ରାଜନେତା ପ୍ୟାରୀମୋହନ ମହାପାତ୍ର ଦୀର୍ଘ ଦିନଧରି ପାୱାରଫୁଲ ଥିଲେ ମଧ୍ୟ ଅଫିସରମାନଙ୍କ ଦବଦବା ବିଶେଷ ଦେଖାଯାଇନଥିଲା । ପାଖାପାଖି ୨୦୧୯ ବେଳକୁ ପାୱାରଫୁଲ ଆଇଏଏସ୍ ଅଫିସର ପାଣ୍ଡିଆନଙ୍କ ନା ଚର୍ଚ୍ଚାକୁ ଆସିଲା । ଯଦିଓ ପାଣ୍ଡିଆନଙ୍କ ନାଁ ପୂର୍ବରୁ ମଧ୍ୟ ଚର୍ଚ୍ଚା ହେଉଥିଲା କିନ୍ତୁ ୨୦୧୯ ନିର୍ବାଚନ ପରେ ତାଙ୍କ 'ପାୱାର' ଲୋକ ଲୋଚନକୁ ଆସିଲା । ଏହାର କାରଣ ତାଙ୍କୁ ନବୀନଙ୍କ ସଫଳତାର ସର୍ବଶ୍ରେଷ୍ଠ ସୂତ୍ରଧର ବୋଲି ଦଳୀୟ ନେତା ମାନୁଥିଲେ । ପ୍ୟାରୀ ଏବଂ ପାଣ୍ଡିଆନଙ୍କ ମଧ୍ୟରେ ଫରକ ଏତିକି ଯେ,ପ୍ୟାରୀ ଚାକିରି ପରେ ସକ୍ରିୟ ରାଜନୀତିକୁ ଆସିଥିଲେ ଏବଂ ପାଣ୍ଡିଆନ ଚାକିରିରେ ଥାଇ ମୁଖ୍ୟମନ୍ତ୍ରୀଙ୍କ ଭଳି କ୍ଷମତା ହାତକୁ ନେଇଥିଲେ । ଯାହାର ତୀବ୍ର ବିରୋଧ ଓ ବିବାଦ ପରେ ସେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ବିଜେଡିରେ ଯୋଗଦେଲେ । ପାଣ୍ଡିଆନଙ୍କ ସମୟରେ ଶାସନତନ୍ତ୍ରଠାରୁ ଅମଲାତନ୍ତ୍ରକୁ ପାୱାରଫୁଲ ଧରାଯାଉଥିଲା । ମନ୍ତ୍ରୀ ଓ ବିଧାୟକଙ୍କ ଭଳି ଜନପ୍ରତିନିଧିଙ୍କ କ୍ଷମତାକୁ ଗୌଣ କରି ଅଫିସରମାନଙ୍କୁ ଅଧିକ କ୍ଷମତାଶାଳୀ କରିବାର ବହୁ ଘଟଣାରୁ ବିବେଚନା କରାଗଲା । ସରକାରଙ୍କ ଗୁଡବୁକରେ ଥିବା ଅନେକ ଅଫିସର ସ୍ୱେଚ୍ଛାକୃତ ଅବସର ନେଇ ଶାସକ ଦଳ ବିଜେଡି ଟିକେଟରେ ନିର୍ବାଚନ ଲଢ଼ିଛନ୍ତି ।

ରାଜ୍ୟରେ ବିଜେପି ସରକାର ଶାସନ ମଙ୍ଗ ଧରିବା ପରେ ବିଧାୟକ, ମନ୍ତ୍ରୀ, ନେତାଙ୍କ ଠାରେ ଗୋଟିଏ କଥା (ପୃଷ୍ଠା-୨ ଦେଖନ୍ତୁ)

## ଏବେ ବି ଚାଲିଛି ... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଶୁଣିବାକୁ ମିଳିଲା ଯେ ରାଜ୍ୟରେ ବିଜେପି ସରକାର ଶାସନ ମଙ୍ଗ ଧରିବା ପରେ ବିଧାୟକ, ମନ୍ତ୍ରୀ, ନେତାଙ୍କ ଠାରେ ଗୋଟିଏ କଥା ବ୍ୟାପକ ଶୁଣିବାକୁ ମିଳିଲା ଯେ 'ଅଫିସରମାନେ ଆମ କଥା ଶୁଣୁନାହାନ୍ତି'। ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋସ ଯୋଜ୍ରା ସ୍ଥିତ ସର୍ବେକ୍ଷଣ ଓ ମାନଚିତ୍ର ପ୍ରକାଶନ ସଂସ୍ଥାକୁ ଅଚାନକ ଗସ୍ତ ବେଳେ ସଂସ୍ଥାର ଅତରିକ୍ତ ନିର୍ଦ୍ଦେଶକ ତାଙ୍କ ଦାବିକୁ ଅଗ୍ରାହ୍ୟ କରିବା ସହ ମନମାନୀ କରିଥିବା ଦର୍ଶାଇଲେ। ମୁଖ୍ୟମନ୍ତ୍ରୀଙ୍କ କଥା ବିଡ଼ିଓମାନେ ଶୁଣୁ ନଥିବା ନିଜେ ମୋହନ ମାଝୀ ସର୍ବସାଧାରଣରେ କ୍ଷୋଭ ପ୍ରକାଶ କରିଥିଲେ। ଏବେ ବି ବିଭିନ୍ନ ଅଫିସରେ 'ପାଣ୍ଡିଆନରାଜ' ବଳବତର ରହିଥିବା କଥା ଶୁଣାଗଲା।

ଆଉ ଏଭଳି ସ୍ଥିତିରେ ସାମ୍ନାକୁ ଆସିଥିବା ବିଏମସି ଅଫିସରେ ପ୍ରଶାସନିକ ଅଧିକାରୀଙ୍କୁ ଆକ୍ରମଣ ଘଟଣା ରାଜ୍ୟ ତଥା ଦେଶରେ ଆଲୋଡନ ସୃଷ୍ଟି କଲା. ଖାଲି ସେତିକି ନୁହେଁ ବାଲେଶ୍ୱର ଏଫ ଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତନାର ଶୀକାର ହେବାପରେ ବାଲେଶ୍ୱର ସଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ଜଣାଇଥିଲେ. ଏସଂର୍ପକରେ ଶ୍ରୀ ଷଡ଼ଙ୍ଗୀ ବାଲେଶ୍ୱର ଏସପିଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା କହୁଥିବାବେଳେ ବାଲେଶ୍ୱର ଏସପି ସାଂସଦଙ୍କ ଶୁଣିନଥିଲେ। ଯଦି ସାଂସଦଙ୍କ କଥା ଏସପି ଶୁଣୁନାହାନ୍ତି, ତେବେ ଏଠାରେ ଜନପ୍ରତିନିଧିଙ୍କ ଅପେକ୍ଷା ପ୍ରଶାସକଙ୍କ କ୍ଷମତା ଅଧିକ ମେନେହେଉଛି। ଏପଟେ ସରକାର ବଦନାମ ହେଉଛନ୍ତି। ବାସ୍ତବରେ ଏଠାରେ ଲୋକଙ୍କ ସରକାର କାମ କରୁଛି ନା ପୁଣି ସେଇ ପୁରୁଣା ଚର୍ଚ୍ଚା 'ରାଜ୍ୟରେ ଅଫିସର ରାଜ' ଚାଲିଛି, ତାହା ଏବେ ସନ୍ଦେହ ସୃଷ୍ଟି କରିଛି।

## ଦିଲ୍ଲୀ ଏମ୍ସକୁ ... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

**ନାବାଳିକାଙ୍କ ପରିବାର ଲୋକଙ୍କୁ ଦିଲ୍ଲୀରେ ଭେଟିଲେ ଧର୍ମେନ୍ଦ୍ର-**

ଦିଲ୍ଲୀ ଏମ୍ସରେ ଭର୍ତି ହୋଇଥିବା ବଳଙ୍ଗା ନାବାଳିକାଙ୍କ ପରିବାରବର୍ଗଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭେଟିଛନ୍ତି। ସୋସିଆଲ ମିଡିଆ ଏକ୍ସରେ ଟ୍ୱିଟ୍ କରି ଧର୍ମେନ୍ଦ୍ର ଲେଖିଛନ୍ତି, 'ପୁରୀ ଜିଲ୍ଲା ବଳଙ୍ଗା ଅଂଚଳରେ ଘଟିଥିବା ଅଭାବନୀୟ ଘଟଣାରେ ନାବାଳିକା ଜଣକ ନୂଆଦିଲ୍ଲୀ ସ୍ଥିତ ଏମ୍ସ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କର ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ସ୍ୱାସ୍ଥ୍ୟାବସ୍ଥା ସଂର୍ପକରେ ଏମ୍ସ କର୍ତୃପକ୍ଷଙ୍କ ସହ ଆଲୋଚନା କଲି। ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ଶୀଘ୍ର ସୁସ୍ଥ ହୋଇ ଘରକୁ ଫେରନ୍ତୁ, ଏହା ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା।

**ଘଟଣାସ୍ଥଳ ଅନୁଧ୍ୟାନ କଲେ ଡିଜିପି**

ବଳଙ୍ଗା ନାବାଳିକାକୁ ପୋଡି ମାରିବା ଉଦ୍ୟମ ଘଟଣାରେ ଅଭିଯୁକ୍ତ କିଏ ତାହା ଜାଣିବା ଲାଗି ପୋଲିସ ତନାଘନା କରୁଛି। ପୁରୀ ଏସପିଙ୍କ ନେତୃତ୍ୱରେ ଏକାଧିକ ଟିମ ତଦନ୍ତ ଚଳାଇଛନ୍ତି। ପ୍ରାଥମିକ ଅନୁସନ୍ଧାନ ଜାରି ରହିଥିବା ବେଳେ ପୋଲିସ ପୀଡିତାଙ୍କ ସାଙ୍ଗ, ପିଉସୀ ଓ ସମ୍ପର୍କୀୟ ଦାଦାଙ୍କୁ ହେପାଜତକୁ ନେଇ ପଚରାଉଚରା କରୁଛି। କାରଣ ଖୋଜିବାକୁ ପୋଲିସ ଟିକିନିଖି ଭାବେ ଖାନତଲାସୀ ଜାରି ରଖିଛି। ଦ୍ୱିତୀୟ ଦିନରେ ମଧ୍ୟ ସାଇଂଟିଫିକ ଟିମ ଖୋଳତାଡ କରିଛି। ଏଥିସହିତ ଡିଜିପି ଓ ପୁରୀ ଏସପି ମଧ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି। ଡିଜିପି ୱାଇ ବି ଖୁରାନିଆ ପ୍ରତିକ୍ରିୟାରେ କହିଛନ୍ତି, 'ଆଜି ଦୁଇଟି ସ୍ପେଶାଲ ଟିମ୍ ଆସି ଅନୁଧ୍ୟାନ କରିଛନ୍ତି। ଏସଏଫଏସଏଲ ଓ ଏମ୍ସ ଫୋରେନସିକ୍ ଟିମ୍ ପ୍ରମାଣ ସଂଗ୍ରହ କରିଛନ୍ତି। କିଛି ତଥ୍ୟ ହସ୍ତଗତ ହୋଇଛି। କିଛି ଆସିବାର ବାକି ରହିଛି।' ତଦନ୍ତ ଚାଲିଛି ଖୁବଶୀଘ୍ର ଅଭିଯୁକ୍ତ ଧରାପଡିବେ।

**ଦୋଷୀଙ୍କ ବିରୁଦ୍ଧରେ ନିଆଯିବ କଡ଼ା କାର୍ଯ୍ୟାନୁଷ୍ଠାନ: ପ୍ରଭାତୀ**

ପୁରୀଜିଲ୍ଲା ବଳଙ୍ଗା ଥାନା ବାଇଆବରର ଜଣେ ନାବାଳିକାଙ୍କ ଦେହରେ ନିଆଁ ଲଗାଇଦେଇଛନ୍ତି ଦୁର୍ବୃତ୍ତ। ପୀଡ଼ିତା ଜଣେ ଯୁକ୍ତ-୨ ଛାତ୍ରୀ ବୋଲି ଜଣାପଡ଼ିଛି। ତାଙ୍କୁ ନିଆଁ ଲଗାଇ ଜାଳି ଦେଇଛନ୍ତି ଦୁର୍ବୃତ୍ତ। ନାବାଳିକାଜଣକ ସାଇକେଲରେ ସାଙ୍ଗ ଘରକୁ ଯାଉଥିବା ସମୟରେ ବାଟରେ ୩ ଜଣ ଯୁବକ ନାବାଳିକାଙ୍କୁ ଅଟକାଇ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଛନ୍ତି। ଗୁରୁତର ଅବସ୍ଥାରେ ନାବାଳିକା ପୀଡ଼ିତାଙ୍କୁ ଉଦ୍ଧାର କରାଯିବା ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ବଳଙ୍ଗା ପୁଲିସ ପହଂଚି ଘଟଣାର ତଦନ୍ତ ଜାରି ରଖିଛି। ଏହି ଘଟଣାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି, ଦୋଷୀଙ୍କ ବିରୁଦ୍ଧରେ ନିଆଯିବ କଡ଼ା କାର୍ଯ୍ୟାନୁଷ୍ଠାନ। ଦୋଷୀଙ୍କୁ ତୁରନ୍ତ ଗିରଫ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦିଆଯାଇଛି। ଏମ୍ସରେ ନାବାଳିକାଙ୍କ ଚିକିତ୍ସା ଚାଲିଥିବା ବେଳେ ସମସ୍ତ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର। ଏମ୍ସ ଯାଇ ପୀଡ଼ିତାଙ୍କୁ ଭେଟିବେ ପ୍ରଭାତୀ ପରିଡ଼ା।

# ରାସ୍ତାରୁ ଉଠାଇ ନେଇ ନଦୀପଠାରେ ନାବାଳିକାକୁ ନିଆଁ ଲଗାଇଦେଲେ



**ଭୁବନେଶ୍ୱର (ଓଡ଼ିଶା ଫାଷ୍ଟ) :** ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀଙ୍କ ଆତ୍ମଦାହ ମୃତ୍ୟୁ ଖବର ମନରୁ ଲିଭି ନଥିବା ବେଳେ ରାଜ୍ୟରେ ଆଉ ଏକ ଦୁଃଖଦ, ଅଭାବନୀୟ ଅମାନବୀୟ ଘଟଣା ଘଟିଛି। ପୁରୀ ଜିଲ୍ଲା ନିମାପଡ଼ା ବଳଙ୍ଗା ଥାନା ବାୟାବର ଗାଁରେ ଜଣେ ୧୫ବର୍ଷୀୟ ନାବାଳିକା ଛାତ୍ରୀଙ୍କ ଦେହରେ ଦୁର୍ବୃର୍ତମାନେ ନିଆଁ ଲଗାଇ ଦେଇଛନ୍ତି। ଛାତ୍ରୀଙ୍କ ଶରୀରର ୫୦ ପ୍ରତିଶତ ପୋଡ଼ିଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଭର୍ତି କରାଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ପ୍ରତ୍ୟେକ୍ଷଦର୍ଶୀଙ୍କ କହିବାନୁସାରେ, ନିମାପଡ଼ା ବଳଙ୍ଗା ବାୟାବରର ଜଣେ ଯୁକ୍ତ-୨ ଛାତ୍ରୀ ସକାଳେ ସାଙ୍ଗ ଘରକୁ ବହି ଦେବାକୁ ଯାଉଥିଲେ। ଏହି ସମୟରେ ରାସ୍ତାରେ ୩ଜଣ ଦୁର୍ବୃର୍ତ ତାଙ୍କୁ ବଳପୂର୍ବକ ନିକଟସ୍ଥ ନଦୀପଠାକୁ ଉଠାଇ ନେଇଥିଲେ। ସେଠାରେ ତାଙ୍କ ହାତକୁ ବାନ୍ଧି ଦେଇ ଦେହରେ କିରୋସିନ ପକାଇ ନିଆଁ ଲଗାଇ ଦେଇଥିଲେ। ସେ ଚିତ୍କାର କରିବାରୁ ଧରାପଡିବା ଭୟରେ ଦୁର୍ବୃତମାନେ ଫେରାର ହୋଇଯାଇଥିଲେ। ପରେ ଛାତ୍ରୀ ଜଣକ ନିଆଁ ଜଳୁଥିବା ବେଳେ ଚିତ୍କାର କରି ଗାଁ ଆଡକୁ ଦୌଡ଼ିଥିଲା।

ଗାଁ ମୁଣ୍ଡରେ ଯାଉଥିବା ଜଣେ ବ୍ୟକ୍ତି ଝିଅଟିକୁ ପ୍ରଥମେ ଉଦ୍ଧାର କରି ପାଣି ପିଇବାକୁ ଦେଇଥିଲେ। ପରେ ଲୋକଙ୍କ ସହାୟତାରେ ତାଙ୍କୁ ହସପିଟାଲ ପଠାଇଥିଲେ। ତେବେ ଝିଅଟି ତାଙ୍କୁ ଝିଅଟିଏ କହିଥିଲା, ମୋତେ ତିନିଜଣ ଯୁବକ ମୋ ମୁହଁ ବାନ୍ଧି ମୋତେ ଟେକିନେଲେ। ଝିଅଟିର ଶରୀର ପ୍ରାୟ ୭୦ଭାଗ ପୋଡି ଯାଇଥିଲା। ଘଟଣା ଜଣାପଡିବା ପରେ ପୁରୀ ଏସପିଙ୍କ ସମେତ ବରିଷ୍ଠ ଅଧିକାରୀମାନେ ପହଂଚିଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ତେବେ କିଏ ଓ କାହିଁକି ଏଭଳି କଲା, ତାହା ଅସ୍ପଷ୍ଟ ରହିଛି।

ଦୋଷୀଙ୍କ ବିରୋଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ ବଳଙ୍ଗା ଥାନା ଅଂଚଳରେ ନାବାଳିକାକୁ ନିଆଁ ଲଗାଇ ଜାଳି ଦେବା ଘଟଣାକୁ ନେଇ ପୁରୀ ଜିଲ୍ଲାପାଳ ଚଂଚଳ ରାଣା ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଜିଲ୍ଲାପାଳ କହିଛନ୍ତି, 'ଘଟଣାକୁ ଅତ୍ୟନ୍ତ ଗୁରୁତର ସହକାରେ ନିଆଯାଇଛି। ପୀଡିତା ଝିଅର ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସରେ ଭର୍ତି କରାଯାଇଛି। ଉତମ ଚିକିତ୍ସା ପାଇଁ ଏମ୍ସ କର୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଛି। ପୀଡିତ ଘରକୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନଙ୍କୁ ପଠାଯାଇଛି। ପୀଡ଼ିତାଙ୍କୁ ନ୍ୟାୟ ପାଇଁ ସମସ୍ତ ଆଇନଗତ ସହାୟତା ଯୋଗାଇ ଦିଆଯିବ। ପୀଡ଼ିତା ପରିବାରକୁ ସମସ୍ତ ପ୍ରକାର ଆର୍ଥିକ ସାହାଯ୍ୟ ପ୍ରଦାନ କରାଯିବ। ପୀଡିତାର ସଂପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଘଟଣାର ତଦନ୍ତ ଚାଲିଥିବା ବେଳେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।'

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଂଚଳରେ ନାବାଳିକା ଦେହରେ ନିଆଁ ଲଗାଇବା ଘଟଣାରେ ବିଜେଡି ବିଧାୟକ ଅରୁଣ ସାହୁ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, 'ଯେତେବେଳେ ଦୁର୍ବଳ ସରକାର ଚାଲେ, ସେତେବେଳେ ଅପରାଧିକ କାର୍ଯ୍ୟକଳାପ ବଢ଼ିଯାଏ। ଏଫଏମ କଲେଜରୁ ଜିଏମ ଯାଏଁ। ଏହା ସହ ଉପମୁଖ୍ୟମନ୍ତ୍ରୀଙ୍କ ନିଜ ଅଂଚଳରେ ଏପରି ଘଟଣା ଘଟିଛି। ବର୍ତମାନ ଅପରାଧୀମାନେ ଜାଣିଛନ୍ତି ସରକାର ତାଙ୍କର କିଛି କରିବେନି। ସରକାରଙ୍କ ଛତ୍ରଛାୟା ତଳେ ରହୁଛନ୍ତି। ସେଥିପାଇଁ ଏପରି କାଣ୍ଡ ଘଟାଉଛନ୍ତି। ସରକାର ଇସ୍ତଫା ଦିଅନ୍ତୁ। ଭାରତବର୍ଷରେ ଓଡ଼ିଶାର ମୁଣ୍ଡ ତଳକୁ ହୋଇଗଲାଣି।

# ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଗିରଫ



**ଭୁବନେଶ୍ୱର (ଓଡ଼ିଶା ଫାଷ୍ଟ) :** ଦୁଷ୍କର୍ମ ଅଭିଯୋଗରେ ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ଉଦିତ ପ୍ରଧାନଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ବିରୋଧରେ ଯୁବତୀଙ୍କୁ ମୃଦୁ ପାନୀୟରେ ନିଶା ଦ୍ରବ୍ୟ ପିଆଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏନେଇ କମିଶନରେଟ ପୋଲିସ ଜୋନ ୫ ଏସିପି ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଅଭିଯୋଗ ଆଧାରରେ ମଂଚେଶ୍ୱର ଥାନା ପୋଲିସ ସୋମବାର ତାଙ୍କୁ ଗିରଫ କରିଛି। ଘଟଣା ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଗିରଫଦାରୀ ପରେ ଉଦିତଙ୍କୁ ନ୍ୟାସନାଲ ଷ୍ଟୁଡେଂଟ ୟୁନିୟନ ଅଫ ଇଣ୍ଡିଆ ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇଛି।

ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୋଲିସ ପକ୍ଷରୁ କୁହାଯାଇଛି, ଦୁଷ୍କର୍ମ ଶିକାର ହୋଇଥିବା ଯୁବତୀ ଜଣକ ରବିବାର ସନ୍ଧ୍ୟାରେ ମଂଚେଶ୍ୱର ଥାନାରେ ଏନେଇ ଅଭିଯୋଗ କରିଥିଲେ। ଅଭିଯୋଗରେ ସେ ଦର୍ଶାଇଥିଲେ, ମାର୍ଚ୍ଚ ୧୮ ତାରିଖ ଦିନ ତାଙ୍କର ଜଣେ ପୁଅ ସାଙ୍ଗ ଏବଂ ଜଣେ ଝିଅ ସାଙ୍ଗ ବୁଲିବାକୁ ଡାକିଥିଲେ। ସମସ୍ତେ ୪ ଚକିଆ ଗାଡିରେ ବୁଲିବାକୁ ଯାଇଥିଲେ। ମାଷ୍ଟରକ୍ୟାଂଟିନ ପାଖରେ ଅନ୍ୟ ଜଣେ ଯୁବକ ଉଠିଥିଲେ। ଯୁବତୀ ଜଣକ ତାଙ୍କୁ ଚିହ୍ନି ନ ଥିଲେ ହେଁ ପରେ ସେ ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ଉଦିତ ପ୍ରଧାନ ବୋଲି ଜାଣିଥିଲେ।

ଅଭିଯୋଗକାରିଣୀଙ୍କ ଅଭିଯୋଗ ଅନୁଯାୟୀ, ସମସ୍ତେ ମଂଚେଶ୍ୱର ଅଂଚଳରେ ଥିବା ଏକ ହୋଟେଲକୁ ଯାଇଥିଲେ। ସେଠାରେ ଅନ୍ୟମାନେ ମଦ୍ୟପାନ କରିଥିଲେ। ସେ ମଦ୍ୟପାନ ନ କରିବାରୁ ଉଦିତ ପ୍ରଧାନ ତାଙ୍କୁ ଏକ କୋଲ୍ଡ ଡ୍ରିଙ୍କ୍ସ ଆଣି ଦେଇଥିଲେ। କୋଲ୍ଡ ଡ୍ରିଙ୍କ୍ସ ପିଇବା ପରେ ସେ ଅଶ୍ୱସ୍ତି ଅନୁଭବ କଲେ। ଘରକୁ ଫେରିବାକୁ ଚାହିଁଲେ ବି ସେ ଫେରି ପାରି ନଥିଲେ। ଏହା ପରେ ସେ କିଛି ଜାଣି ପାରି ନଥିଲେ। ହୋସ ଫେରିବା ପରେ ତାଙ୍କ ସହ ଦୁଷ୍କର୍ମ ହୋଇଥିବା ସେ ଜାଣି ପାରିଥିଲେ। ତାଙ୍କ ପାଖରେ ଉଦିତ୍ ମଧ୍ୟ ଶୋଇଥିଲେ।

ଏହା ପରେ ଉଦିତ ତାଙ୍କୁ ଗାଳି ଗୁଲଜ କରିବା ସହ ପୋଲିସରେ ନ କହିବାକୁ ଧମକ ଦେଇଥିଲେ। ତେଣୁ ସେ ଭୟରେ ପୋଲିସରେ ଅଭିଯୋଗ ଆଣି ନଥିଲେ। ହେଲେ ଏବେ ମହିଳାଙ୍କ ସୁରକ୍ଷାକୁ ନେଇ ଏତେ ଘଟଣା ସାମ୍ନାକୁ ଆସିବା ପରେ ସେ ପୋଲିସ ନିକଟକୁ ଆସିବା ପାଇଁ ସାହସ କରି ପାରିଛନ୍ତି ବୋଲି ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ପାଇବା ପରେ ଉଦିତ ପ୍ରଧାନଙ୍କ ବିରୋଧରେ ମଂଚେଶ୍ୱର ଥାନାରେ ଏକ ମାମଲା (ନଂ-୪୧୯) ରୁଜୁ ହୋଇଛି।

**କଂଗ୍ରେସ ଗଠନ କଲା ଟିମ୍:**

ଅନ୍ୟ ପକ୍ଷେ ଓଡିଶା ପ୍ରଦେଶ କମିଟି ପକ୍ଷରୁ ଏହି ପକ୍ଷରୁ ଏହାକୁ ଗୁରୁତର ସହ ବିଚାର କରାଯାଇଛି। ଘଟଣା ସଂପର୍କରେ ଅନୁଧ୍ୟାନ କରିବା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ଏକ ୬ଜଣିଆ ମହିଳା ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ପିସିସି ଉପ ସଭାପତି ସସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ବିଧାୟିକା ସୋଫିଆ ଫିର୍ଦୋଶ, ପିସିସି ସଂପାଦିକା ଡ଼.ଦେବସ୍ମିତା ଶର୍ମା, ସୋନାଲି ସାହୁ, ପିସିସି ମୁଖପାତ୍ର ଜୟଶ୍ରୀ ପାତ୍ର, ପିସିସି ମୁଖପାତ୍ର ଡ଼. ମନୀଷା ଦାସ ପଟ୍ଟନାୟକ ସଦସ୍ୟା ଅଛନ୍ତି। ଏହି କମିଟି ଅଭିଯୋଗକାରିଣୀଙ୍କୁ ଭେଟି ତାଙ୍କ ସହ ଆଲୋଚନା କରିବା ପରେ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦାନ କରିବାକୁ ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।

## ଖୋଲିଲା ୪୬ ମିଶ୍ରଣ ସ୍କୁଲ

ଭୁବନେଶ୍ୱର: ମିଶ୍ରଣ ସ୍କୁଲ ଖୋଲିବା ନେଇ ସ୍କୁଲ୍ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ପୂର୍ବରୁ ମିଶ୍ରଣ ହୋଇଥିବା ୪୬ ସ୍କୁଲ ଖୋଲିଛି। ଆଗକୁ ଆଉ ୪ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ହୋଇଛି।

୪୬ ସ୍କୁଲ ମଧ୍ୟରୁ ଢେଙ୍କାନାଳ ଜିଲ୍ଲାରେ ସର୍ବାଧିକ ୨୨ଟି ଥିବା ବେଳେ ଦେବଗଡ଼ରେ ୧୦ଟି ବରଗଡ଼ରେ ୭ଟି, ଯାଜପୁରରେ ୪ଟି ଓ ଖୋର୍ଦ୍ଧା ଜିଲ୍ଲାରେ ୩ ସ୍କୁଲ ରହିଛି। ୭ ହଜାର ୭୫୧ ସ୍କୁଲ ମିଶ୍ରଣ ନେଇ ଅନୁମୋଦନ ମିଳିଥିବା ବେଳେ ୫ ହଜାର ୬୩୦ ସ୍କୁଲ ମିଶ୍ରଣ ହୋଇଛି।

୪୬ ସ୍କୁଲ ମଧ୍ୟରୁ ଢେଙ୍କାନାଳ ଜିଲ୍ଲାରେ ସର୍ବାଧିକ ୨୨ଟି ଥିବା ବେଳେ ଦେବଗଡ଼ରେ ୧୦ଟି ବରଗଡ଼ରେ ୭ଟି, ଯାଜପୁରରେ ୪ଟି ଓ ଖୋର୍ଦ୍ଧା ଜିଲ୍ଲାରେ ୩ ସ୍କୁଲ ରହିଛି। ୭ ହଜାର ୭୫୧ ସ୍କୁଲ ମିଶ୍ରଣ ନେଇ ଅନୁମୋଦନ ମିଳିଥିବା ବେଳେ ୫ ହଜାର ୬୩୦ ସ୍କୁଲ ମିଶ୍ରଣ ହୋଇଛି।

# ଛାତ୍ରୀଙ୍କୁ ସୁରକ୍ଷା ଯୋଗାଇବ 'ଶକ୍ତିଶ୍ରୀ'; ମହିଳାଙ୍କ ସୁରକ୍ଷା ସହ ସାଲିସ୍ ନାହିଁ

**ଭୁବନେଶ୍ୱର (ଓଡ଼ିଶା ଫାଷ୍ଟ) :** ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରୀଙ୍କ ଉପରେ ନିର୍ଯାତନା ଘଟଣାରେ ସରକାର ଶୂନ୍ୟ ସହନଶୀଳ ନୀତି ଆପଣାଇଛନ୍ତି। ଶିକ୍ଷାନୁଷ୍ଠାନରେ ଯେପରି ଛାତ୍ରୀଙ୍କ ସୁରକ୍ଷା ଓ ନିରାପତାକୁ ସୁନିଶ୍ଚିତ କରାଯିବ, ବିଗତ ଦିନରେ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରୀମାନଙ୍କ ପ୍ରତି ଯେଉଁଭଳି ଅପରାଧ ଘଟୁଛି, ସେହିଭଳି ଘଟଣାକୁ ରୋକିବାକୁ ରାଜ୍ୟ ସରକାର 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହା ଏବେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟ ସରକାରଙ୍କ ୧୬ଟି ବିଶ୍ୱବିଦ୍ୟାଳୟ, ୭୩୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ କାର୍ଯ୍ୟକାରୀ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି।



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ କରିବାକୁ ଯୋଜନା କରିଛନ୍ତି। ଏହି ବିକଶିତ ଓଡ଼ିଶାରେ ସବୁ ନାଗରିକଙ୍କ ବ୍ୟକ୍ତିଗତ ଅଧିକାର ଓ ମର୍ଯ୍ୟାଦାର ସୁରକ୍ଷାକୁ ଅଗ୍ରାଧିକାର ଦିଆଯିବ। ବିଶେଷକରି ମହିଳାଙ୍କ ସୁରକ୍ଷା, ସମ୍ମାନ, ନିରାପତା ଦିଗରେ କୌଣସି ପ୍ରକାରର ସାଲିସ୍ କରାଯିବନି। ଶିକ୍ଷାନୁଷ୍ଠାନରୁ ଆରମ୍ଭ କରି ସମାଜର ବିଭିନ୍ନ ସ୍ଥାନରେ ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ରୋକିବାକୁ ସରକାର ଯାହା ଆବଶ୍ୟକ ସବୁ ପ୍ରକାରର ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ନେବେ। ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏକ ସୁରକ୍ଷିତ ଶୈକ୍ଷିକ ବାତାବରଣକୁ ସୁନିଶ୍ଚିତ କରାଇବା ସହିତ ଅଧ୍ୟୟନରତ ସ୍ନାତକ ଓ ସ୍ନାତକୋତର ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିବା ଏବଂ ଛାତ୍ରୀମାନଙ୍କର ସଶକ୍ତୀକରଣ ଓ ସର୍ବାଙ୍ଗୀନ ବିକାଶ ଦିଗରେ ଏହି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଆମ ସରକାର ବର୍ତମାନ ଘଟୁଥିବା ଘଟଣା ଗୁଡ଼ିକ ପ୍ରତି ସମ୍ବେଦନଶୀଳ ଅଛନ୍ତି। ଯେଉଁମାନେ ଏଭଳି ଅପରାଧ ଯୋଗୁ ପ୍ରଭାବିତ ହେଉଛନ୍ତି, ଯୌନ ନିର୍ଯାତନାର ଶିକାର ହେଉଛନ୍ତି ସେମାନଙ୍କୁ ସୁରକ୍ଷା ଦେବା କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ ସହାୟକ ହେବ।

ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ସୂଚନା ଦେଇ କହିଛନ୍ତି ଯେ ଏଥିରେ ୮ଟି ପ୍ରମୁଖ ଦିଗ ରହିଛି। ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଏକ ସ୍ଥାୟୀ 'ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର' ସ୍ଥାପନ କରାଯିବ। ଯାହା ଉକ୍ତ ଅନୁଷ୍ଠାନର ଛାତ୍ରୀମାନଙ୍କ ଦ୍ୱାରା ପରିଚାଳିତ ହେବ। ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ରରେ ଜଣେ ଛାତ୍ରୀ 'ଶକ୍ତିଶ୍ରୀ ସାଥୀ' ଓ ଜଣେ ଅଧ୍ୟାପିକା 'ଶକ୍ତିଶ୍ରୀ ସଂଯୋଜିକା' ଭାବରେ ଉକ୍ତ କେନ୍ଦ୍ରର ପରିଚାଳନା କରିବେ। ଏହାସହିତ ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ହୋଇଥିବା ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା 'ଶକ୍ତି ଅପା' ଭାବେ କାର୍ଯ୍ୟ କରିବେ। ଏହି 'ଶକ୍ତି ଅପା'ମାନେ ପ୍ରତି ୩ ମାସରେ ଥରେ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବେ ଏବଂ ଛାତ୍ରୀମାନଙ୍କ ପାଇଁ ମେଂଟର ଭଳି କାର୍ଯ୍ୟ କରିବେ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀ, ଅଧ୍ୟାପିକା ଏବଂ ମହିଳା କର୍ମଚାରୀମାନଙ୍କର ସୁରକ୍ଷା ଓ ସଶକ୍ତୀକରଣ ଦିଗରେ ଏହି ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର କାର୍ଯ୍ୟ କରିବ। ଏହି କେନ୍ଦ୍ର ଦ୍ୱାରା ଏକ ୬ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିରେ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ସହ ଆଇନଗତ ଅଧିକାର ଏବଂ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ମଧ୍ୟ ଶିକ୍ଷା ପ୍ରଦାନ କରାଯିବ। ସେହିପରି 'ଶକ୍ତିଶ୍ରୀ ଆପ୍' ନାମରେ ଏକ ନୂତନ ମୋବାଇଲ ଆପ୍ କାର୍ଯ୍ୟକାରୀ ହେବ। କ୍ୟାମ୍ପସ୍‌ରେ ଛାତ୍ରୀମାନଙ୍କର ସୁରକ୍ଷାକୁ ସୁନିଶ୍ଚିତ କରିବାରେ ଏହା ସହାୟକ ହେବ। ଏହି ଆପ୍‌ରେ କଲେଜରେ ଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି, ଏହାର ନିୟମାବଳୀ ଓ କାର୍ଯ୍ୟକ୍ରମ, କମିଟିର ଅଧ୍ୟକ୍ଷ ଓ ସଦସ୍ୟଙ୍କ ଫୋନ୍ ନମ୍ବର ଦିଆଯିବ। ଯଦି କୌଣସି ଛାତ୍ରୀ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି, ତେବେ ସେ ନିଜର ପରିଚୟକୁ ଗୋପନୀୟ ରଖି ନିଜର ଅଭିଯୋଗକୁ ମେସେଜ୍, ଅଡିଓ ବା ଭିଡିଓ ବାର୍ତା ମାଧ୍ୟମରେ ଉକ୍ତ ଆପ୍‌ରେ ପଞ୍ଜୀକୃତ କରିପାରିବେ। ଏହାପରେ ଏହା ସିଧାସଳଖ କମିଟିର ଅଧ୍ୟକ୍ଷଙ୍କ ନିକଟରେ ପହଂଚିଯିବ।

ଛାତ୍ରୀମାନେ ଯଦି ଚାପ, ଦୁଶ୍ଚିନ୍ତା ଆଦି ସମସ୍ୟାର ସମ୍ମୁଖୀନ ହୁଅନ୍ତି ତେବେ ଆପ୍ ମାଧ୍ୟମରେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଠାରୁ ପରାମର୍ଶ ନେଇପାରିବେ। ଏଥିସହ କୌଣସି ଜରୁରୀକାଳୀନ ପରିସ୍ଥିତିରେ ଆପ୍‌ରେ ଥିବା ଏସ୍‌ଓଏସ୍ ବଟନ୍‌କୁ ବ୍ୟବହାର କରି ଛାତ୍ରୀମାନେ ଶକ୍ତିଶ୍ରୀ ସାଥୀ ଏବଂ ଶକ୍ତିଶ୍ରୀ ସଂଯୋଜିକାଙ୍କ ସହ କଥା ହୋଇପାରିବେ ଓ ତୁରନ୍ତ ସାହାଯ୍ୟ ପାଇପାରିବେ। ଶକ୍ତିଶ୍ରୀ ମୋବାଇଲ ଆପ୍‌ରେ ବିଭିନ୍ନ ଜିଲ୍ଲାଗୁଡ଼ିକରେ ରହିଥିବା ଲୋକାଲ୍ କମିଟି ସମ୍ବନ୍ଧରେ ମଧ୍ୟ ସବିଶେଷ ବିବରଣୀ ପ୍ରଦାନ କରାଯିବ। ଯଦି କୌଣସି ଛାତ୍ରୀ ହୃଦୟଙ୍ଗମ କରନ୍ତି ଯେ, ତାଙ୍କର ଅଭିଯୋଗ ସମ୍ପୃକ୍ତ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଦ୍ୱାରା ସମାଧାନ ହେଉନାହିଁ, ତେବେ ସେ ନିଜର ଅଭିଯୋଗ ସମ୍ବନ୍ଧରେ ଲୋକାଲ୍ କମିଟିକୁ ମଧ୍ୟ ଅବଗତ କରାଇପାରିବେ। ଏନେଇ ଖୁବ୍‌ଶୀଘ୍ର ଏସ୍‌ଓପି ଜାରି ହେବ।

ଏହାବାଦ୍ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର କୋଡ୍ ଅଫ୍ କଣ୍ଡକ୍ଟ ଲାଗୁ ହେବ। ଏହା ମାଧ୍ୟମରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଏକ ବାର୍ଷିକ ଅନଲାଇନ୍ ଟ୍ରେନିଂ ମଡ୍ୟୁଲ୍‌କୁ ସମ୍ପୂର୍ଣ୍ଣ କରିବେ, ଯାହାଦ୍ୱାରା ସେମାନଙ୍କ ମଧ୍ୟରେ ମହିଳା ସୁରକ୍ଷା, ଲିଙ୍ଗଗତ ସମ୍ବେଦନଶୀଳତା ସମ୍ବନ୍ଧରେ ସଚେତନତା ବୃଦ୍ଧି ହୋଇପାରିବ।

ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ନିମନ୍ତେ 'ଶକ୍ତିଶ୍ରୀ ଆକ୍ସନ୍‌ସ ଫର୍ ଫିମେଲ୍ ଏମ୍ପାୱାରମେଂଟ' ବା 'ସେଫ୍' ନାମକ ଏକ କ୍ୟାମ୍ପେନ୍‌ର ଆୟୋଜନ କରାଯିବ। ଏହି କ୍ୟାମ୍ପେନ୍ ମାଧ୍ୟମରେ ବାର୍ଷିକ ଦୁଇ ଥର ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା ଆଦିର ଆୟୋଜନ କରାଯିବ। ପ୍ରତ୍ୟେକ କ୍ୟାମ୍ପସ କେତେ ସୁରକ୍ଷିତ ଅଛି ସେନେଇ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କର୍ତୃପକ୍ଷ ପ୍ରତିବର୍ଷ ଡିସେମ୍ବର ୩୧ ସୁଦ୍ଧା ଏକ ସବିସ୍ତୃତ ରିପୋର୍ଟ ପ୍ରଦାନ କରିବେ। ଏଥିରେ ଶିକ୍ଷାନୁଷ୍ଠାନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ, ପଞ୍ଜୀକୃତ ହୋଇଥିବା ଅଭିଯୋଗ ଓ ଏହାର ସମାଧାନ, ଆପତକାଳୀନ ସ୍ଥିତିର ମୁକାବିଲା ପାଇଁ ରହିଥିବା ବିଭିନ୍ନ ଭିତିଭୂମି ଆଦି ସମ୍ପର୍କରେ ସୂଚନା ରହିବ।

ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ୨୪ଘଂଟା ସିସିଟିଭି ନଜରରେ ରହିବ। ଏହାସହ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ରହିବ। କଲେଜରେ ଥିବା ଆଭ୍ୟନ୍ତରୀଣ କମିଟିର ସଦସ୍ୟ ଏବଂ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର ପରାମର୍ଶ ଅନୁଯାୟୀ ସିସିଟିଭି କ୍ୟାମେରା ଲଗାଇବାର ସ୍ଥାନ ଚିହ୍ନଟ କରାଯିବ। କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଓ ପ୍ରତିକାର) ଅଧିନିୟମ, ୨୦୧୩ ଏବଂ ଏହା ସମ୍ବନ୍ଧରେ ୟୁଜିସି ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ଅନଲାଇନ କୋର୍ସ ପ୍ରଦାନ କରାଯିବ। ରାଜ୍ୟର ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକ-ଦିବସୀୟ କର୍ମଶାଳା 'ଶକ୍ତି ସ୍ୱରୂପିଣୀ'ର ଆୟୋଜନ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ଥିଲେ।

# 'ଚାଷୀଙ୍କୁ ମିଳିବ ଅଧିକ ଅମଳକ୍ଷମ ପ୍ରଜାତିର ୧୦ହଜାର ଗାଈ'

**ଭୁବନେଶ୍ୱର (ଓଡ଼ିଶା ଫାଷ୍ଟ) :** ଦୁଗ୍ଧ ଚାଷକୁ ପ୍ରୋତ୍ସାହନ ପାଇଁ ରାଜ୍ୟର 'ଗୋ ଅର୍ଥନୀତି'କୁ ସମୃଦ୍ଧ କରାଯିବ। ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ କାମଧେନୁ ଯୋଜନାରେ ଚାଷୀଙ୍କୁ ଅଧିକ ଅମଳକ୍ଷମ ପ୍ରଜାତିର ୧୦ ହଜାର ଗାଈ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି। ଏଥିପାଇଁ ଆଜି ନ୍ୟାସନାଲ୍ ଡାଏରି ଡେଭଲପ୍‌ମେଂଟ ବୋର୍ଡ (ଏନ୍‌ଡିଡିବି) ଓ ଓମ୍‌ଫେଡ୍ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଯାଇଛି।




ଚୁକ୍ତି ଅନୁସାରେ ଏନ୍‌ଡିଡିବି ଓଡ଼ିଶାର ଦୁଗ୍ଧ ଚାଷୀଙ୍କୁ ଅଧିକ ଦୁଗ୍ଧ ଅମଳକ୍ଷମ ସହିୱାଲ୍ ଓ କ୍ରସ୍ ବ୍ରିଡ୍ ପ୍ରଜାତିର ୩ରୁ ୪ ହଜାର ଗାଈ ଯୋଗାଇଦେବ। ଏବେ ରାଜ୍ୟର ଦୁଗ୍ଧ ଉତ୍ପାଦନ ୭୨ଲକ୍ଷ ଲିଟର ରହିଛି। କିନ୍ତୁ ୨୦୩୬ ସୁଦ୍ଧା ଏହି ପରିମାଣ ୧୬୫ ଲକ୍ଷ ଲିଟର ଓ ୨୦୪୭ ସୁଦ୍ଧା ୨୭୪ ଲକ୍ଷ ଲିଟରରେ ପହଂଚାଇବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆଗାମୀ ଦିନରେ ଏନ୍‌ଡିଡିବି ସହାୟତାରେ ରାଜ୍ୟରେ ଗୋବର ଗ୍ୟାସ ପ୍ଲାଂଟ ମଧ୍ୟ ସ୍ଥାପନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଚାଷୀମାନେ ଗୋବର ଗ୍ୟାସ୍ ବ୍ୟବହାର କରି ପାରିବେ ଓ ବଳକା ଗ୍ୟାସ୍ ବିକ୍ରି କରିପାରିବେ। ଏହାଦ୍ୱାରା ରାଜ୍ୟ ଗୋ-ଚାଷୀମାନେ ଗୋବରରୁ ଆୟ କରପାରିବେ ଓ ଗୋ-ଅର୍ଥନୀତି ସମୃଦ୍ଧ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କଟକ ଅରିଲୋସ୍ଥିତ ଓମ୍‌ଫେଡ୍ ଦୁଗ୍ଧ କାରଖାନାଠାରେ ଆୟୋଜିତ ଉତ୍ସବରେ ଏନ୍‌ଡିଡିବି ଓ ଓମ୍‌ଫେଡ୍ ମଧ୍ୟରେ ଚୁକ୍ତିନାମା ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ତିନିଟି ଗୁଣ୍ଡ ଦୁଗ୍ଧ ପ୍ୟାକିଂ ମେସିନ୍‌ର ଉଦ୍‌ଘାଟନ କରିଥିଲେ। ୭.୫୦ କୋଟି ଟଙ୍କାର ୨ହଜାରରୁ ୧୫ ହଜାର ଲିଟର ବିଶିଷ୍ଟ ୨୨ଟି ଦୁଗ୍ଧ ପରିବହନ ଟ୍ୟାଙ୍କର୍ ରାଜ୍ୟର ବିଭିନ୍ନ ଦୁଗ୍ଧ ଚାଷୀ ସଂଘଙ୍କୁ ପ୍ରଦାନ କରିଥିଲେ। ଓମ୍‌ଫେଡ୍ ଡାଏରି କାରଖାନାର କର୍ମଚାରୀଙ୍କ ପାଇଁ ନବନିର୍ମିତ ୬୨ଟି କ୍ୱାର୍ଟର୍ସ ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାରେ ୪୫ ବର୍ଷ ଧରି ଦୁଗ୍ଧ ଉତ୍ପାଦନ, ସଂଗ୍ରହ ଓ ବିକ୍ରୟ ସହିତ ରାଜ୍ୟର ଦୁଗ୍ଧ ଚାଷୀଙ୍କ ଆର୍ଥିକ ବିକାଶରେ ଓମ୍‌ଫେଡ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସୁଛି। ଏବେ ଓମ୍‌ଫେଡ୍ ଗୁଣ୍ଡ ଦୁଗ୍ଧ, ପନିର, ବଟର, ଛେନାପୋଡ, ଆଇସ୍‌କ୍ରିମ୍, ସୁବାସିତ ଦୁଗ୍ଧ, ମିଠାଦହି, ପେଡ଼ା, ରାବିଡି ଆଦି ଅନେକ ଉତ୍ପାଦ ପ୍ରସ୍ତୁତ କରୁଛି। ଯୁବବର୍ଗ ମଧ୍ୟ ଏହା ମାଧ୍ୟମରେ ଭଲ ରୋଜଗାର କରିପାରୁଛନ୍ତି। ମହାପ୍ରଭୁଙ୍କ ମହାପ୍ରସାଦ ଓ ନୀତିକାନ୍ତି ପାଇଁ ପ୍ରାୟ ୩୦ ମେଟ୍ରିକ୍ ଟନ୍ ଘିଅ ଯୋଗାଇ ଦେବାକୁ ଓମ୍‌ଫେଡ୍ ଓ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଚୁକ୍ତି ହୋଇଛି।

ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟ ସରକାର ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଚାଷୀଙ୍କୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଏହାଦ୍ୱାରା ରାଜ୍ୟର ପ୍ରାୟ ୧୫ଲକ୍ଷ ଗୋପାଳକ ଉପକୃତ ହୋଇପାରିବେ। ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଯୋଜନାରେ ୩ ଲକ୍ଷ ହିତାଧିକାରୀ ୭୧ କୋଟି ଟଙ୍କାର ସହାୟତା ପାଇସାରିଲେଣି। ଗାଇଗୋରୁଙ୍କ ସୁରକ୍ଷା ସହ ଚିକିତ୍ସା ପାଇଁ ଗୋମାତା ଯୋଜନା ଲାଗୁହୋଇଛି। ନୂତନ ଗୋଶାଳା ପ୍ରତିଷ୍ଠା ଓ ପଞ୍ଜୀକୃତ ଗୋଶାଳାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନାରେ ସହାୟତା ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏ ସମସ୍ତ ପଦକ୍ଷେପ ରାଜ୍ୟର ମୁଣ୍ଡପିଛା ଦୁଗ୍ଧ ଉତ୍ପାଦନକୁ ବୃଦ୍ଧି କରିବ।

କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସାଂସଦ ଭର୍ତୃହରି ମହତାବ, ଓମ୍‌ଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଏନ୍‌ଡିଡିବି(ଡାଏରୀ ସର୍ଭିସେସ୍)ର ପରିଚାଳନା ନିର୍ଦ୍ଦେଶକ ଦେବାନନ୍ଦ, ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶା ପାଞ୍ଚୁ

## ସମ୍ପାଦକଙ୍କ କଲମରୁ...

# ପ୍ରସଙ୍ଗ ଗୋଟିଏ ତଦନ୍ତ ଅନେକ

ବାଲେଶ୍ୱର ଛାତ୍ରୀ ଆତ୍ମାହୂତି ଗୋଟିଏ ପ୍ରସଂଗ ହୋଇଥିବା ବେଳେ ତଦନ୍ତ କିନ୍ତୁ ଅନେକ । କେଉଁ ତଦନ୍ତର ଦିଗ କୁଆଡ଼େ ଯିବ ଏବଂ ବିଭିନ୍ନ ତଦନ୍ତ ରିପୋର୍ଟରେ ବିରୋଧାତ୍ମକ ତଥ୍ୟ ଆସିଲେ ଅଭିଯୁକ୍ତଙ୍କୁ ତାହା ସୁହାଇବ କି ନାହିଁ ସେଥିଘେନି ସାଧାରଣ ଲୋକଙ୍କ ଠାରୁ ଆଇନ୍ ବିଶାରଦମାନେ ପ୍ରଶ୍ନ ଉଠାଉଛନ୍ତି । ବାଲେଶ୍ୱର ଦୁଘର୍ଟଣାରେ କୁହାଯାଉଛି, ପ୍ରସଂଗ ଏକ- ତଦନ୍ତ ଅନେକ । ଏହି ଅପରାଧିକ ଘଟଣା ସଂପର୍କରେ ଆତ୍ମାହୂତି ଦେବା ପୂର୍ବରୁ ଫକୀର ମୋହନ ସ୍ୱୟଂଶାସିତ କଲେଜ୍‌ର ଛାତ୍ରୀ ସୌମ୍ୟାଶ୍ରୀ ପୋଲିସ ନିକଟରେ ଗୁହାରି କରିଥିଲେ । ପୋଲିସ ସେ ସମୟରେ କ'ଣ ତଦନ୍ତ କରିଥିଲା କି ନାହିଁ ତାହା ଏକ ପ୍ରଶ୍ନବାଚୀ ।

ପୋଲିସ କାର୍ଯ୍ୟାନୁଷ୍ଠାନ ଦାବି କରି ଉଚ୍ଚ ପଦାଧିକାରୀଙ୍କ ନିକଟରେ ମଧ୍ୟ ବିକ୍ଷୋଭ କରାଯାଇଥିଲା । ଏହାର କ'ଣ ଫଳାଫଳ ହେଲା ଜଣାନାହିଁ । ଏବେ ଛାତ୍ରୀଙ୍କ ମୃତ୍ୟୁ ପରେ ମାମଲାର ତଦନ୍ତ ଭାର କ୍ରାଇମ୍‌ବ୍ରାଂଚକୁ ଦିଆଯାଇଛି ଏବଂ କ୍ରାଇମ୍‌ବ୍ରାଂଚର ଅଭିଜ୍ଞ ଅଧିକାରୀମାନେ ମଧ୍ୟ ତଦନ୍ତକୁ ଜୋରଦାର କରୁଛନ୍ତି । ତେବେ ଏହି ସମ୍ବେଦନଶୀଳ ଆତ୍ମାହୂତି ଘଟଣାରେ ତଦନ୍ତ ଭାର ସିବିଆଇକୁ ଦେବା ଏବଂ ଆଇନ୍ ଅଦାଲତ ଏହାର ତଦାରଖ କରିବା ପାଇଁ ଦାବି ହେଉଥିବା ବେଳେ ଏହି ପ୍ରସଂଗର ବିଚାର ବିଭାଗୀୟ ତଦନ୍ତ ହାଇକୋର୍ଟର କାର୍ଯ୍ୟକାରୀ ବିଚାରପତିଙ୍କ ଦ୍ୱାରା କରାଇବା ଲାଗି ମଧ୍ୟ ବିଭିନ୍ନ ମହଲରୁ ମତ ପ୍ରକାଶ ପାଉଛି ।

ଏହି ଘଟଣା ସଂପର୍କରେ କଲେଜ୍‌ର ଅଧ୍ୟକ୍ଷ, ସ୍ଥାନୀୟ ବିଧାୟକ ଓ ସାଂସଦ, ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଆଦିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସେମାନଙ୍କ ମଧ୍ୟରୁ କିଏ ଏ ପ୍ରସଂଗରେ କି ପଦକ୍ଷେପ ନେଇଛନ୍ତି ତାହା ଜଣାପଡୁନଥିବାରୁ ଏସବୁକୁ ବି ତଦନ୍ତ ପରିସରଭୁକ୍ତ କରିବା ଲାଗି ଦାବି ହେଉଛି । ଓଡ଼ିଶାରେ ମହିଳା କମିଶନ ଅଚଳ ହୋଇ ପଡିଥିବାବେଳେ ଜାତୀୟ ମହିଳା କମିଶନ ଏହି ବ୍ୟାପାରରେ ଓଡ଼ିଶା ସରକାରଙ୍କୁ ନୋଟିସ କରିଛନ୍ତି । ଜାତୀୟ ମହିଳା କମିଶନଙ୍କ ରିପୋର୍ଟ ଉପରେ ବି ଲୋକଙ୍କ ନଜର ରହିଛି ।

ବିଳମ୍ବରେ ହେଲେ ମଧ୍ୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଢ଼ାଯାଇ କଲେଜ୍ କର୍ତ୍ତୃପକ୍ଷ ଯେଉଁ ତଦନ୍ତ କରିଥିଲେ ତାହାର ରିପୋର୍ଟକୁ ସାଂସଦ 'ସୀମର ଚାଳିଶା' କହି ତାତ୍ସଲ୍ୟ କରିଛନ୍ତି । ଏହି କମିଟି ଅଭିଯୁକ୍ତ ଅଧ୍ୟାପକଙ୍କୁ ବିଭାଗୀୟ ମୁଖ୍ୟ ଦାୟିତ୍ୱରୁ ହଟାଇବା ପାଇଁ ବିଳମ୍ବରେ ସୁପାରିସ କରିଥିବାବେଳେ ତାହା କାହିଁକି କାର୍ଯ୍ୟକାରୀ କରାନଗଲା ଏବଂ ଉପସ୍ଥାନ କମ୍ ଥିବା କାରଣରୁ ୯ଜଣ ଛାତ୍ରଛାତ୍ରୀଙ୍କ ନାମ ନୋଟିସ ବୋର୍ଡରେ ପ୍ରକାଶ ପାଇଥିବାବେଳେ ୮ଜଣଙ୍କୁ ପରୀକ୍ଷା ଦେବା ପାଇଁ ସୁଯୋଗ ଦିଆଯାଇ କାହିଁକି ସୌମ୍ୟାଶ୍ରୀଙ୍କ ପ୍ରତି ପାତରଅନ୍ତର ହେଲା ସେ ସଂକ୍ରାନ୍ତରେ ତଦନ୍ତ ରିପୋର୍ଟ କହିବ ।

ଆତ୍ମାହୂତି ଘଟଣା ପରେ ଓଡ଼ିଶା ସରକାର ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିଛନ୍ତି । ଯେଉଁଥିରେ ଜଣେ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ବିଜେବି କଲେଜର ଅଧ୍ୟକ୍ଷା ସଦସ୍ୟା ଅଛନ୍ତି । ଏହି କମିଟିର ରିପୋର୍ଟ ଆସିବା ପୂର୍ବରୁ କେନ୍ଦ୍ର ସରକାରଙ୍କ ବିଶ୍ୱବିଦ୍ୟାଳୟ ଆନୁଦାନ ଆୟୋଗ ଅନ୍ୟ ଏକ କମିଟି ଗଠନ କରିଛି ଏବଂ ଉକ୍ତ କମିଟି ମଧ୍ୟ ବାଲେଶ୍ୱରରେ ପହଞ୍ଚି ସରଜମିନ ତଦନ୍ତ କରୁଛି । ୟୁଜିସି ଓ ରାଜ୍ୟ ସରକାର ଦୁଇଟି ସମାନ୍ତରାଳ କମିଟି ଗଢ଼ିଥିବାବେଳେ କିଏ କ'ଣ ରିପୋର୍ଟ ଦେଉଛି ତାହା ଉପରେ ବି ନଜର ଅଛି ।

ଏହାଛଡ଼ା ସଂପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଆରମ୍ଭ ହେବାର ସମ୍ଭାବନା ରହିଛି । ଏହି ଉଭୟ ଘଟଣାରେ କାହାର ତଦନ୍ତ କେଉଁ ଦିଗକୁ ଯିବ ତାହା ମଧ୍ୟ ଏବେଠାରୁ କହିବା ମୁସ୍‌କିଲ୍ । ପ୍ରସଂଗ ଏକ ଓ ତଦନ୍ତ ଅନେକ ହୋଇଥିବାରୁ ବିଭିନ୍ନ ରିର୍ପୋଟ ମଧ୍ୟରେ ତାଳମେଳ ନରହିଲେ ତାହା ଅଭିଯୁକ୍ତଙ୍କୁ ସୁହାଇପାରେ ବୋଲି ଆଇନ୍ ବିଶେଷଜ୍ଞ ଓ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ କହୁଛନ୍ତି ।

# ଶିକ୍ଷା ଓ ଅନୁସନ୍ଧାନ : ଗୁଣାତ୍ମକ ଶିକ୍ଷା, ଗବେଷଣା ଓ ସ୍ୱାସ୍ଥ୍ୟ ସେବାର ଉତ୍କର୍ଷ କେନ୍ଦ୍ର

**ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ**

ଗୁଣାତ୍ମକ ଉଚ୍ଚଶିକ୍ଷା ଓ ଉତମ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଦେଶରେ ଅଗ୍ରଣୀ ଭୂମିକା ନେଇଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ ୧୯ ବର୍ଷରେ ପଦାର୍ପଣ କରିଛି । ଉତ୍କୃଷ୍ଟ ବୃତିଗତ ଉଚ୍ଚଶିକ୍ଷା ଓ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନର ଉତ୍କର୍ଷ କେନ୍ଦ୍ର ଭାବେ ନିଜକୁ ଗଢ଼ି ତୋଳିଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ରହିଛି ଦୀର୍ଘ ୩ ଦଶନ୍ଧିର ସମୃଦ୍ଧ ପରମ୍ପରା । ୧୯୯୬ ମସିହାରେ ଏକ ନମ୍ର ପ୍ରୟାସରୁ ଆରମ୍ଭ ହୋଇଥିବା ଏହି ଶିକ୍ଷାନୁଷ୍ଠାନ ଆଜି ଏକ ଉତ୍କୃଷ୍ଟ ବିଶ୍ୱବିଦ୍ୟାଳୟ ଭାବେ ନିଜକୁ ପ୍ରତିଷ୍ଠା କରିପାରିଛି । ଗୁଣାତ୍ମକ ଶିକ୍ଷା ଓ ଅଭିନବ ଗବେଷଣା ଉପରେ ଅଧିକ ଗୁରୁତ୍ୱ ଦେଇ ସୋଆ ସମାଜର ହିତ ନିମନ୍ତେ ଅବିରତ କାର୍ଯ୍ୟ କରି ଚାଲିଛି ।

ସୋଆ ୨୦୦୭ ମସିହା ଜୁଲାଇ ୧୭ ତାରିଖରେ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଡିମ୍‌ଡ ଟୁ ବି ୟୁନିଭର୍ସିଟିର ମାନ୍ୟତା ପାଇଥିଲା । ୧୯୯୬ ମସିହାରେ ଏକ ଇଂଜିନିୟରିଂ କଲେଜର ସ୍ଥାପନାରୁ ସୋଆର ଯାତ୍ରା ଆରମ୍ଭ ହୋଇଥିଲା । ଆଜି ଏହି କଲେଜ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ନାମରେ ବିଖ୍ୟାତ ।

ସୋଆରେ ପ୍ରାୟ ୧୮ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଥିବା ବେଳେ ସେମାନଙ୍କ ମଧ୍ୟରେ ୩୦ଟି ଦେଶରୁ ପ୍ରାୟ ୪୦୦ ବିଦେଶୀ ଛାତ୍ରଛାତ୍ରୀ ଅନ୍ତର୍ଭୁକ୍ତ ଯେଉଁମାନେ ନିଜର ଭବିଷ୍ୟତ ଗଢିବା ପାଇଁ ସୋଆକୁ ଚୟନ କରିଛନ୍ତି । ସେହିପରି ସୋଆରେ ୧୨ ହଜାରରୁ ଉର୍ଦ୍ଧ୍ୱ ଅଧାପକ, ଅଧାପିକା ଓ କର୍ମଚାରୀ କାର୍ଯ୍ୟରତ ଅଛନ୍ତି ।

ନାରୀ ଶିକ୍ଷା ଓ ମହିଳା ସଶକ୍ତିକରଣକୁ ଅଧିକ ମହତ୍ୱ ଓ ଗୁରୁତ୍ୱ ଦେଉଥିବା ସୋଆର ଛାତ୍ରଛାତ୍ରୀ ମାନଙ୍କ ମଧରେ ୫୨ ପ୍ରତିଶତରୁ ଅଧିକ ହେଉଛନ୍ତି ଛାତ୍ରୀ ଏବଂ କର୍ମଚାରୀଙ୍କ ମଧରେ ୪୨ ପ୍ରତିଶତରୁ ଅଧିକ ମହିଳା କାର୍ଯ୍ୟରତ ।

ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରନ ନାୟକ କେବଳ ଏହି ଶିକ୍ଷାନୁଷ୍ଠାନର ବିନ୍ଧାଣୀ ନୁହଁନ୍ତି ବରଂ ଶିକ୍ଷା କ୍ଷେତ୍ରର ଏଭଳି ଜଣେ ନେତୃସ୍ଥାନୀୟ ବ୍ୟକ୍ତିତ୍ୱ ଯିଏ କି ରାଜ୍ୟରେ ଏକ ବିଶ୍ୱସ୍ତରୀୟ ଶିକ୍ଷାକେନ୍ଦ୍ର ଗଢ଼ି ତୋଳିବାର ସ୍ୱପ୍ନ ଦେଖିଥିଲେ ।

ଛୋଟ ପଦକ୍ଷେପରୁ ଏକ ବିଶାଳ ଅନୁଷ୍ଠାନ ଗଢ଼ିବାରେ ପ୍ରଫେସର ନାୟକଙ୍କର ଯାତ୍ରା କେବଳ ପ୍ରେରଣାଦାୟୀ ନୁହେଁ ବରଂ ଆମ ସମାଜ ପାଇଁ ଏକ ବିଶାଳ ଉଦାହରଣ ସୃଷ୍ଟି କରିଛି । ଉତ୍କର୍ଷ ମାନର ଉଚ୍ଚଶିକ୍ଷା ପ୍ରଦାନ ନିମନ୍ତେ ସୋଆ ପକ୍ଷରୁ ବାରଟି ବୃତିଗତ ଶିକ୍ଷାନୁଷ୍ଠାନ ସ୍ଥାପିତ ହୋଇଛି । ଏହି ଅନୁଷ୍ଠାନ ଗୁଡିକ ହେଲା: -

୧. ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)- ସୋଆର ଫ୍ୟାକଲ୍ଟି ଅଫ୍ ଇଂଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି (୧୯୯୬ -୯୭ ଶିକ୍ଷା ବର୍ଷରେ ଆରମ୍ଭ ହୋଇଥିଲା)

୨. ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) - ସୋଆର ଫ୍ୟାକଲ୍ଟି ଅଫ୍ ମ୍ୟାନେଜମେଂଟ ସାଇନ୍‌ସେସ୍, (୧୯୯୭ -୯୮ ଶିକ୍ଷା ବର୍ଷରେ ଆରମ୍ଭ ହୋଇଥିଲା)

୩. ସମ୍ ନର୍ସିଂ କଲେଜ (ଏସ୍‌ଏନ୍‌ସି) - ଫ୍ୟାକଲ୍ଟି ଅଫ୍ ନର୍ସିଂ (୨୦୦୪-୦୫ ଶିକ୍ଷା ବର୍ଷରୁ ଆରମ୍ଭ ହୋଇଥିଲା)

୪. ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଂଟ (ଏସ୍‌ଏଚ୍‌ଏମ୍) - ଫ୍ୟାକଲ୍ଟି ଅଫ୍ ହସ୍ପିଟାଲିଟି ଆଣ୍ଡ ଟୁରିଜିମ୍ ମ୍ୟାନେଜମେଂଟ (୨୦୦୪-୦୫ ଶିକ୍ଷା ବର୍ଷରୁ ଆରମ୍ଭ ହୋଇଥିଲା)

୫. ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ (ଏସ୍‌ପିଏସ୍) - ଫ୍ୟାକଲ୍ଟି ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ (୨୦୦୪-୦୫ ଶିକ୍ଷା ବର୍ଷରୁ ଆରମ୍ଭ ହୋଇଥିଲା)

୬. ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଟାଂଲ୍ ସାଇନସେସ୍ (ଆଇଡିଏସ୍) - ଫ୍ୟାକଲ୍ଟି ଅଫ୍ ଡେଟାଂଲ୍ ସାଇନସେସ୍ (୨୦୦୬-୦୭ ଶିକ୍ଷା ବର୍ଷରେ ଆରମ୍ଭ ହୋଇଥିଲା)

୭. ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ (ଆଇଏମଏସ୍ ଆଣ୍ଡ ଏସ୍‌ଏଚ୍) - ଫ୍ୟାକଲ୍ଟି ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ (୨୦୦୭-୦୮ ଶିକ୍ଷା ବର୍ଷରେ ଆରମ୍ଭ ହୋଇଥିଲା)

୮. ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' (ଏସଏନଆଇଏଲ) - ଫ୍ୟାକଲ୍ଟି ଅଫ୍ ଲିଗାଲ୍ ଷ୍ଟଡିଜ୍ (୨୦୧୧-୧୨ ଶିକ୍ଷା ବର୍ଷରେ ଆରମ୍ଭ ହୋଇଥିଲା)

୯. ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନସେସ୍ (ଆଇଏଏସ୍) - ଫ୍ୟାକଲ୍ଟି ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନସେସ୍ (୨୦୧୩-୧୪ ଶିକ୍ଷା ବର୍ଷରେ ଆରମ୍ଭ ହୋଇଥିଲା)

୧୦. ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରି ସାଇନ୍‌ସେସ ଆଣ୍ଡ ଆନିମଲ୍ ହଜ୍‌ବ୍ୟାଣ୍ଡରି (ଆଇଭିଏସ୍‌ଆଣ୍ଡଏଏଚ୍) - ଫ୍ୟାକଲ୍ଟି ଅଫ୍ ଭେଟେରିନାରୀ ସାଇନସେସ୍ (୨୦୨୨-୨୩ ଶିକ୍ଷା ବର୍ଷରେ ଆରମ୍ଭ ହୋଇଥିଲା)

୧୧. ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍-୨, ଫୁଲନଖରା କ୍ୟାମ୍ପସ୍, (ଆଇଏମଏସ୍ ଆଣ୍ଡ ଏସ୍‌ଏଚ୍)- ଫ୍ୟାକଲ୍ଟି ଅଫ୍ ମେଡିକାଲ୍ ସାଇନ୍‌ସେସ୍ (୨୦୨୪-୨୫ ଶିକ୍ଷା ବର୍ଷରେ ଆରମ୍ଭ ହୋଇଛି)

୧୨. ସମ୍ ନର୍ସିଂ କଲେଜ-୨ ଫୁଲନଖରା କ୍ୟାମ୍ପସ୍, (ଏସ୍‌ଏନ୍‌ସି )- ଫ୍ୟାକଲ୍ଟି ଅଫ୍ ନର୍ସିଂ (୨୦୨୪-୨୦୨୫ ଶିକ୍ଷା ବର୍ଷରେ ଆରମ୍ଭ ହୋଇଛି)

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପରିଚାଳିତ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁସନାଲ ର୍‍ୟାଙ୍କିଙ୍ଗ୍ ଫ୍ରେମ୍‌ୱାର୍କ (ଏନ୍‌ଆଇଆରଏଫ୍) ର୍‍ୟାଙ୍କିଙ୍ଗସ୍ ରେ ସୋଆ କ୍ରମାଗତ ଭାବେ ଦେଶର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାରେ ନିଜକୁ ସ୍ଥାନିତ କରିପାରିଛି । ୨୦୧୬ ମସିହାରୁ ଦୀର୍ଘ ୯ ବର୍ଷ ଧରି ଦେଶର ଶ୍ରେଷ୍ଠ ୨୫ଟି ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ନିଜ ସ୍ଥାନ ବଜାୟ ରଖିଛି ସୋଆ । ୨୦୨୪ ମସିହାରେ ଏନ୍‌ଆଇଆରଏଫ୍ ର୍‍ୟାଙ୍କିଙ୍ଗ୍ ରେ ଦେଶର ୧୪ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ସୋଆ ମାନ୍ୟତା ପାଇଛି ।

ଏନ୍‌ଆଇଆରଏଫ୍ ର୍‍ୟାଙ୍କିଙ୍ଗସ୍ ୨୦୨୪ରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍ ) ଦେଶର ୨୬ତମ ଶ୍ରେଷ୍ଠ ଇଂଜିନିୟରିଂ କଲେଜର ମାନ୍ୟତା ପାଇଥିବାବେଳେ ଫ୍ୟାକଲ୍ଟି ଅଫ୍ ମେଡିକାଲ୍ ସାଇନସେସ୍ (ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ) ୨୧ତମ ଶ୍ରେଷ୍ଠ ମେଡିକାଲ୍ କଲେଜର ମାନ୍ୟତା ପାଇଛି ।ସୋଆର ଆଇନ ଶିକ୍ଷା ପ୍ରଦାନକାରୀ ଅନୁଷ୍ଠାନ ସୋଆ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' (ଏସଏନଆଇଏଲ) ଏନ୍‌ଆଇଆରଏଫ୍ ର୍‍ୟାଙ୍କିଙ୍ଗସ୍ ୨୦୨୪ରେ ଦେଶର ୯ମ ଶ୍ରେଷ୍ଠ ଲ' କଲେଜର ମାନ୍ୟତା ପାଇଛି । ସେହିପରି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନସେସ୍ (ଆଇଡିଏସ୍ ) ଏନ୍‌ଆଇଆରଏଫ୍ ର୍‍ୟାଙ୍କିଙ୍ଗସ୍ ୨୦୨୪ରେ ୯ମ ଶ୍ରେଷ୍ଠ ଡେଂଟାଲ୍ କଲେଜ ଭାବେ ସ୍ଥାନୀତ ହୋଇଛି ।

ନ୍ୟାସନାଲ୍ ଆସେସ୍‌ମେଂଟ ଆଣ୍ଡ ଆକ୍ରେଡିଟେସନ୍ କାଉନସିଲ (ନାକ୍) ଦ୍ୱାରା ସୋଆକୁ ୨୦୨୨ରେ ସର୍ବାଧିକ ଗ୍ରେଡ୍ ଏ ++ ସହ ପୁନଃ ସ୍ୱୀକୃତି ପ୍ରଦାନ କରାଯାଇଛି । ସୋଆକୁ ବିଶ୍ୱସ୍ତରୀୟ ମାନ୍ୟତା ପ୍ରଦାନକାରୀ ସଂସ୍ଥା କ୍ୟୁଏସ୍ ଏବଂ ଟିଏଚ୍‌ଇ ୱାର୍ଲଡ ୟୁନିଭର୍ସିଟି ର୍‍ୟାଙ୍ଗିସ୍ ଦ୍ୱାରା ମଧ ମାନ୍ୟତା ମିଳିଛି । ବିଶ୍ୱବିଦ୍ୟାଳୟର ବିଭିନ୍ନ କଲେଜ ଗୁଡିକ ଦ୍ୱାରା ୩୧ଟି ଅଣ୍ଡର ଗ୍ରାଜୁଏଟ୍ ଏବଂ ୭୯ଟି ପୋଷ୍ଟ ଗ୍ରାଜୁଏଟ୍, ୧୫ଟି ପୋଷ୍ଟ ମାଷ୍ଟର, ପିଏଚ୍‌ଡି ଓ ପୋଷ୍ଟ ଡକ୍ଟରାଲ୍ ପ୍ରୋଗ୍ରାମ୍ ପ୍ରଦାନ କରାଯାଉଛି । ଗବେଷଣାକୁ ଅଧିକ ଗୁରୁତ୍ୱ ଦେଉଥିବା ସୋଆରେ ୧୮ଟି ଗବେଷଣା କେନ୍ଦ୍ରରେ ୨୭ଟି ବିଭିନ୍ନ ବିଷୟବସ୍ତୁକୁ ନେଇ ଗବେଷଣା କରାଯାଉଛି ।

ଏଥି ସହିତ ସୋଆ ପକ୍ଷରୁ ନିକଟରେ ୪ଟି ଇଂଟର ଡିସିପ୍ଲିନାରି ଗବେଷଣା କେନ୍ଦ୍ର - ସେଂଟର ଫର୍ କ୍ଲାଇମେଟ୍ ସ୍ମାର୍ଟ ଏଗ୍ରିକଲଚର୍, ସେଂଟର ଫର କ୍ୱାଂଟମ୍‌ସାଇନ୍ସ ଆଣ୍ଡ କ୍ୱାଂଟମ୍ ଟେକ୍ନୋଲଜି, ସେଂଟର ଫର ଇଣ୍ଡଷ୍ଟ୍ରିଆଲ୍ ବାୟୋଟେକ୍ନୋଲଜି ଏବଂ ସେଂଟର ଫର ନାନୋ ସାଇନ୍ସ ଆଣ୍ଡ ନାନୋ ଟେକ୍ନୋଲଜି ପରିଚାଳିତ ହେଉଛି । ଏହା ଛଡ଼ା ବାୟୋ ମେଡିକାଲ୍ ଇଂଜିନିୟରିଂ ଆଣ୍ଡ ଆପ୍ଲିକେସନ୍ସ ଉପରେ ଗବେଷଣା ନିମନ୍ତେ ଏକ କେନ୍ଦ୍ର ଆରମ୍ଭ କରାଯାଇଛି ।

ଏହାଛଡା ୬୦ଟି ବିଜ୍ଞାନାଗାର ପ୍ରତିଷ୍ଠା କରାଯାଇ ସୋଆର ବିଭିନ୍ନ କ୍ୟାମ୍ପସ୍ ରେ ଗବେଷଣା କାର୍ଯ୍ୟ ଜାରି ରହିଛି । ବିଶ୍ୱବିଦ୍ୟାଳୟର ୩୨ଜଣ ଗବେଷକଙ୍କୁ ୨୦୨୪ରେ ଆମେରିକାର ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତ ବିଶ୍ୱର ୨ ପ୍ରତିଶତ ଶ୍ରେଷ୍ଠ ବୈଜ୍ଞାନିକଙ୍କ ତାଲିକାରେ ସ୍ଥାନ ମିଳିଛି ।

ଜଟିଳ ଏବଂ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ ଥିବା ରୋଗୀଙ୍କ ଚିକିତ୍ସା ନିମନ୍ତେ ସୋଆର ଗବେଷକମାନେ ସାଧାରଣ ଓ ସୁଲଭ ମୂଲ୍ୟରେ ଫାର୍ମାସ୍ୟୁଟିକାଲ୍ ଫର୍ମୁଲେସନ୍ ଉଦ୍ଭାବନ କରିପାରିଛନ୍ତି । ଏହି ସଂକ୍ରାନ୍ତରେ ନିକଟରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧିନସ୍ଥ ନ୍ୟାସନାଲ ରିସର୍ଚ୍ଚ ଡେଭେଲ୍‌ପମେଂଟ କର୍ପୋରେସନ୍ ସହିତ ଏକ ଟେକ୍ନୋଲୋଜି ଲାଇସେନ୍ସ ବୁଝାମଣା ସ୍ୱାକ୍ଷରିତ ହୋଇଛି ।

ଅଟଳ ଇନୋଭେଟିଭ ମିଶନର ଏକ ଅଙ୍ଗ ଭାବେ ଆଇଟିଇଆର କ୍ୟାମ୍ପସ୍‌ରେ ଅଟଳ ଇନ୍‌କ୍ୟୁବେସନ୍ ସେଂଟର ପ୍ରତିଷ୍ଠା କରାଯାଇଛି ଯାହାକୁ କି ଏଆଇସି - ସୋଆ ଫାଉଣ୍ଡେସନ୍ ନାମରେ ନାମିତ କରାଯାଇଛି । ଏହି କେନ୍ଦ୍ରର ଉଦ୍ଦେଶ୍ୟ ହେଉଛି ଉତ୍ପାଦ, ଗମନାଗମନ, ଶକ୍ତି, ସ୍ୱାସ୍ଥ୍ୟ, ଶିକ୍ଷା ଓ କୃଷି ଇତ୍ୟାଦି କ୍ଷେତ୍ରରେ ବିଶ୍ୱସ୍ତରୀୟ ଇନ୍‌କ୍ୟୁବେସନ୍ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ପ୍ରୋତ୍ସାହିତ କରିବା । ଅଭିନବ ପ୍ରଯୁକ୍ତି ବିଦ୍ୟା ପର୍ଯ୍ୟବେସିତ ଷ୍ଟାର୍ଟ - ଅପ୍ ଗୁଡିକୁ ସହଯୋଗ ଏବଂ ପ୍ରୋତ୍ସାହିତ କରିବା ଏହି ଇନ୍‌କ୍ୟୁବେସନ୍ ସେଂଟରର ଉଦ୍ଦେଶ୍ୟ ।

ଓଡିଶା ନିମନ୍ତେ ଦ୍ରୁତ ଡାଟା ସ୍ପିଡ୍ ଓ ଲୋ - ଲାଟେନ୍‌ସି ସହିତ ଅଧିକ ମାତ୍ରାରେ ଯୋଗାଯୋଗ ସୁବିଧା ପ୍ରଦାନ କରୁଥିବା ୫ମ ଜେନେରେସନ୍ ୱାଇରଲେସ୍ (୫ଜି) ସର୍ଭିସ ସୋଆ କ୍ୟାମ୍ପସ୍‌ରେ ଜାନୁୟାରୀ ୫, ୨୦୨୩ରେ ଶୁଭାରମ୍ଭ କରାଯାଇଥିଲା । ଭାରତ ସରକାରଙ୍କ ପକ୍ଷରୁ ୫ଜି ଲାବ୍ ପ୍ରତିଷ୍ଠା ନିମନ୍ତେ ଚୟନ କରାଯାଇଥିବା କେନ୍ଦ୍ରମାନଙ୍କ ମଧ୍ୟରେ ସୋଆ ସ୍ଥାନ ପାଇଛି ।

୩୦୦୦ ଶଯ୍ୟା ବିଶିଷ୍ଟ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟର ନିର୍ଭର ଯୋଗ୍ୟ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ଅନୁଷ୍ଠାନ ଭାବେ ନିଜକୁ ପ୍ରତିପାଦିତ କରିପାରିଛି । ସମ୍ ହସ୍ପିଟାଲ ରେ ଉତମ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଓ ଜୀବନ ରକ୍ଷାକାରୀ ସରାମ ଉପଲବ୍ଧ ରହିଛି । ସୁଲଭ ମୂଲ୍ୟରେ ଏଠାରେ ରୋଗୀଙ୍କୁ ଉତମ ଚିକିତ୍ସା ପ୍ରଦାନ କରାଯାଉଛି ।

ସେହିପରି ସୋଆ ପକ୍ଷରୁ ଭୁବନେଶ୍ୱର ଠାରେ ସମ୍ ଅଲ୍ଟିମେଟ ମେଡିକେୟାର ନାମରେ ଏକ ସ୍ୱତନ୍ତ୍ର ମଲ୍ଟି ସୁପର ସ୍ପେଶିଆଲିଟି କ୍ୱାର୍ଟରନାରୀ କେୟାର ହସ୍ପିଟାଲ ୨୦୨୦ରେ ଆରମ୍ଭ କରାଯାଇଛି । ଏହା ଲୋକମାନଙ୍କୁ ଅତ୍ୟାଧୁନିକ ଓ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛି । ଏହି ୫୭୫ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ପୂର୍ବ ଭାରତରେ ଏକ ଉତମ ସ୍ୱାସ୍ଥ୍ୟ ପ୍ରଦାନକାରୀ ଅନୁଷ୍ଠାନ ଭାବେ ଗଢି ଉଠିଛି ।

ଉଭୟ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ ଓ ସମ୍ ଅଲ୍ଟିମେଟ୍ ମେଡିକେୟାରକୁ ଏନ୍‌ଏବିଏଲ୍ ଓ ଏନ୍‌ଏବିଏଚ୍ ର ମାନ୍ୟତା ମିଳିଛି ।

ସ୍ୱାସ୍ଥ୍ୟସେବାକୁ ଅଧିକ ତ୍ୱରାନିତ୍ୱ କରିବା ଲକ୍ଷ୍ୟରେ ନିକଟରେ ସୋଆ ପକ୍ଷରୁ ଭୁବନେଶ୍ୱର - କଟକ ଜାତୀୟ ରାଜପଥ ପାର୍ଶ୍ୱବର୍ତୀ ଫୁଲନଖରା ଠାରେ ୧୨୦୦ ଶଯ୍ୟା ବିଶିଷ୍ଟ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ -୨ ଆରମ୍ଭ କରାଯାଇଥିବାବେଳେ ବ୍ରହ୍ମପୁର ନିକଟସ୍ଥ ଶୀତଳାପଲ୍ଲୀ ଠାରେ ୨୦୦ ଶଯ୍ୟା ବିଶିଷ୍ଟ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ -୩ ପ୍ରତିଷ୍ଠା କରାଯାଇଛି ।

୨୦୨୦ ମସିହାରେ କୋଭିଡ୍ ମହାମାରୀ ସାରା ବିଶ୍ୱକୁ କବଳିତ କରିଥିବାବେଳେ ଓଡିଶା ସରକାରଙ୍କ ସହଯୋଗରେ ଏହି ପରିସ୍ଥିତିର ମୁକାବିଲା ନିମନ୍ତେ ସୋଆ ପକ୍ଷରୁ ୫ଟି କୋଭିଡ୍ ହସ୍ପିଟାଲ ରାଜ୍ୟରେ ଆରମ୍ଭ କରାଯିବା ସହ ଏହାର ଡାକ୍ତର, ନର୍ସ ଓ ପାରାମେଡିକ ଅବିରତ ସ୍ୱାସ୍ଥ୍ୟସେବା ପ୍ରଦାନ କରି ଅନେକ ଜୀବନ ବଂଚାଇବାରେ ସହାୟକ ହୋଇଥିଲେ ।

ପ୍ରାୟ ୫୦୦୦ ରୁ ଉର୍ଦ୍ଧ୍ୱ ଡାକ୍ତର, ନର୍ସ ଓ ପାରାମେଡିକ୍ସ ରୋଗୀମାନଙ୍କୁ ନିରନ୍ତର ସେବା ଓ ଯତ୍ନ ଦେଇ ସୁସ୍ଥ କରିବାରେ ସକ୍ଷମ ହୋଇଥିଲେ । ପ୍ରାୟ ୨୬୦୦୦ ରୁ ଉର୍ଦ୍ଧ୍ୱ ଶଯ୍ୟାରେ ରାଜ୍ୟର କୋଭିଡ ରୋଗୀମାନଙ୍କର ଚିକିତ୍ସା ସମ୍ କୋଭିଡ ହସ୍ପିଟାଲ୍ ପକ୍ଷରୁ କରାଯାଇଥିଲା । କୋଭିଡ ମହାମାରୀ ବେଳେ ପ୍ରାୟ ଅଢ଼େଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ମଧରେ ୫୦,୦୦୦ ରୁ ଉର୍ଦ୍ଧ୍ୱ ରୋଗୀଙ୍କର ସଫଳ ଚିକିତ୍ସା କରାଯାଇଥିଲା ।

ସୋଆର ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ଜାଗୋ କ୍ଲବ୍ ଦ୍ୱାରା ଗରିବ ଓ ଅବହେଳିତ ବସ୍ତିର ପିଲାମାନଙ୍କ ଶିକ୍ଷାଦାନର ଦାୟିତ୍ୱ ନିଆଯାଇଛି ।

**କୁଳପତି**
**ଶିକ୍ଷା ଓ ଅନୁସନ୍ଧାନ ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ**

# ଚୋରା ସୁନା କାରବାରର ପେଣ୍ଠସ୍ଥଳ ପାରଳାଖେମୁଣ୍ଡି

## ପାଲଟିଛି ଲୁଟେରାଙ୍କ ଅଭୟାରଣ୍ୟ

**ପାରଳାଖେମୁଣ୍ଡି (ଓଡ଼ିଶା ଫାଷ୍ଟ):** ଚୋରା ସୁନା କାରବାରର ପେଣ୍ଠସ୍ଥଳ ପାଲଟିଛି ପାରଳାଖେମୁଣ୍ଡି ସହର । ପଡ଼ୋଶୀ ଆନ୍ଧ୍ର ଓ ତେଲଙ୍ଗାନା ଚୋରଙ୍କ ଭୂସ୍ୱର୍ଗ ପାଲଟିଛି ଏହି ସହର । ଆନ୍ଧ୍ର ଓ ତେଲଙ୍ଗାନାରେ ଲୁଟେରାମାନେ କଳାକନା ବୁଲାଇ ଆଣୁଥିବା ସୁନାକୁ ବିକ୍ରି କରିବା ପାଇଁ ପାରଳାଖେମୁଣ୍ଡି ସୁନା ଦୋକାନଗୁଡ଼ିକରେ ପହ*ନ୍ତି । ଗତ ବର୍ଷକ ମଧ୍ୟରେ ୧୦ଟି ସୁନା ଦୋକାନ ଉପରେ କେତେବେଳେ ଆନ୍ଧ୍ର ପୋଲିସ ତ କେତେବେଳେ ତେଲଙ୍ଗାନା ପୋଲିସ ଚଢ଼ାଉ କରି ଚୋରି ସୁନା ଚିହ୍ନଟ ଲାଗି ଚୋରକୁ ସାଙ୍ଗରେ ଆଣି ସୁନା ଜବତ କରୁଛି ।

ଅନ୍ୟ ରାଜ୍ୟର ପୋଲିସ ସହରର କୌଣସି ସୁନା ଦୋକାନରେ ପଶି ବେଧଡକ ଯା* କରିବା ସହ ଚୋରା ସୁନା କାରବାରରେ ଲିପ୍ତ ଥିବା ବ୍ୟବସୟୀଙ୍କୁ ଉଠାଇ ନେଉଥିବା ପରି ଘଟଣା ପାରଳାଖେମୁଣ୍ଡିରେ ଅନେକ ଥର ଦେଖିବାକୁ ମିଳିଛି । ତେବେ ଉପରୋକ୍ତ ଦୁଇ ରାଜ୍ୟର ପୋଲିସ ଏପରି ଚଢାଉ ଓ ଯା* କରିବା ପାଇଁ ଆସିବା ସମ୍ପର୍କରେ ପାରଳାଖେମୁଣ୍ଡି ପୋଲିସ ପାଖରେ କୌଣସି ଖବର ନ ଥାଏ ।

ତେଲଙ୍ଗାନା ପୋଲିସର ଏକ ପା*ଜଣିଆ ଟିମ୍ ପାରଳାଖେମୁଣ୍ଡି ବଜାରରେ ବୁଲୁଥିବା ବେଳେ ହଠାତ୍ ପି. ଅଶୋକ ନାମକ ଜଣେ ସୁନା ବ୍ୟବସାୟୀଙ୍କ ଦୋକାନରେ ପଶି ପୁରୁଣା ସୁନାକୁ ଯା* କରିଥିଲେ । ଏହି ସମୟରେ ବ୍ୟବସାୟୀ ଜଣକ ତେଲଙ୍ଗାନା ପୋଲିସକୁ ବୁଝାଉଥିବା ବେଳେ ଏ ସମ୍ପର୍କରେ ପାରଳାଖେମୁଣ୍ଡି ପୋଲିସ ସୂଚନା ପାଇଥିଲା । ପରବର୍ତ୍ତୀ ସମୟରେ ତେଲଙ୍ଗାନା ପୋଲିସ ପାରଳାଖେମୁଣ୍ଡି ଥାନାକୁ ଯାଇ ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରି ଘଟଣାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲା ।

ତେଲଙ୍ଗାନା ପୋଲିସ ଯା* ସମୟରେ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ମଧ୍ୟ ସାଙ୍ଗରେ ନେଇ ଆସିଥିଲା । ଅଭିଯୁକ୍ତଙ୍କ ବୟାନ ଅନୁସାରେ ତେଲଙ୍ଗାନା ପୋଲିସ ସମ୍ପୃକ୍ତ ଦୋକାନ ମାଲିକଙ୍କଠାରୁ ଅଢ଼େଇ ତୋଳା (୩୦ ଗ୍ରାମ) ସୁନା ଜବତ କରିଥିଲା । ତେବେ ଏଠାରେ ପ୍ରଶ୍ନ ଉଠୁଛି, ଅନ୍ୟ ରାଜ୍ୟର ପୋଲିସ ଆସି ପାରଳାଖେମୁଣ୍ଡିରେ ତଦନ୍ତ କରୁଛି, ଚୋରି ସୁନା ଜବତ କରି ଫେରୁଛି । ଅଥଚ ସ୍ଥାନୀୟ ପୋଲିସକୁ ଖବର ଦେଉନାହିଁ । ଏଥିରୁ ଓଡିଶା ପୋଲିସକୁ ବାହାର ରାଜ୍ୟର ପୋଲିସ କେତେ ଗୁରୁତ୍ୱ ଦେଉଛନ୍ତି ତାହା ସ୍ପଷ୍ଟ ହେଉଛି ।




ଚୋରି କରିଥିବା ବ୍ୟକ୍ତିଙ୍କ ବୟାନ ଅନୁସାରେ ସମ୍ପୃକ୍ତ ଦୋକାନ ମାଲିକଙ୍କଠାରୁ ସୁନା ଜବତ ହୋଇଥିଲେ ମଧ୍ୟ ପାରଳାଖେମୁଣ୍ଡି ପୋଲିସ ଅବା ତେଲଙ୍ଗାନା ପୋଲିସ ପକ୍ଷରୁ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏହି ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଏ ସମ୍ପର୍କରେ ପାରଳାଖେମୁଣ୍ଡି ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କୁ ପଚାରିବାରୁ ସେ କହିଲେ, ଆଜି ସୁନା ଦୋକାନ ଯା* ପାଇଁ ତେଲଙ୍ଗାନା ପୋଲିସ ଟିମ୍ ଆସିଥିଲେ । ସ୍ଥାନୀୟ ପୋଲିସକୁ ଖବର ଦେଇ ନ ଥିବାରୁ ସେମାନଙ୍କୁ ପରବର୍ତ୍ତୀ ସମୟରେ ଯେତେବେଳେ ଏଠିକୁ ଆସିବେ ଏଠାକାର ପୋଲିସକୁ ଜଣାଇବା ପାଇଁ କୁହାଯାଇଛି ବୋଲି ଥାନା ଅଧିକାରୀ କହିଛନ୍ତି ।

ଅନ୍ୟପକ୍ଷରେ ଏଠାରେ ନିୟମିତ ପୋଲିସ ପାଟ୍ରୋଲିଂ, ଯାଂଚ ଓ ବ୍ଲକିଂ ହେଉ ନଥିବାରୁ ରାଜ୍ୟ ବାହାରର ଅପରାଧିମାନେ ଏଠାରେ ଅନାୟସରେ ପ୍ରବେଶ କରୁଛନ୍ତି । ପଡୋଶୀ ରାଜ୍ୟରେ ଅପରାଧ ଘଟାଇବା ପରେ ଏଠାରେ ଆତ୍ମଗୋପନ କରୁଛନ୍ତି । ପୋଲିସ ଏହାକୁ ଗୁରୁତ୍ୱର ସହ ନେବା ସହ ନିୟମିତ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

# ଅସ୍ତିତ୍ୱ ସଙ୍କଟରେ ପାରମ୍ପରିକ ଜଳାଶୟ

**ରେଙ୍ଗାଲି (ଓଡ଼ିଶା ଫାଷ୍ଟ) :** ଯୁଗଯୁଗ ଧରି ଜୀବଜଗତକୁ ଜଳଦାନ କରିଆସୁଥିବା ବନ୍ଧ, କଁଟା, ମୁଡା ଘାଘରା ଆଦି ପାରମ୍ପାରିକ ପ୍ରାଚୀନ ଜଳଭଣ୍ଡାରଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ପୁନଃରୁଦ୍ଧାର ତଥା ମରାମତି ହେଉ ନଥିବାରୁ ଅଧିକାଂଶ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି । ଏଥିସହ ବହୁ ଜଳାଶୟର ଜଳ ଦୂଷିତ ହୋଇ ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ ସମସ୍ୟାର କାରଣ ହୋଇଛି ।

ତଥ୍ୟ ଅନୁଯାୟୀ, ରେଙ୍ଗାଲି ବ୍ଲକର ୧୬ଟି ପ*ାୟତର ବିଭିନ୍ନ ଗ୍ରାମରେ ୩୩୭ଟି ବନ୍ଧ, କଁଟା ଏବଂ ପୁଷ୍କରିଣୀ ରହିଛି । ତେବେ ସେଥି ମଧ୍ୟରୁ ୮୦/୯୦ ପ୍ରତିଶତ ଜଳାଶୟ ଗ୍ରୀଷ୍ମ ଋତୁରେ ଜନସାଧାରଣଙ୍କ ବ୍ୟବହାରରେ ଆସି ପାରୁନାହିଁ । ସେଥିରୁ କିଛି ଜଳଶୂନ୍ୟ ହୋଇ ଶୁଖି ଯାଉଥିବା ବେଳେ ବାକି ଜଳାଶୟଗୁଡିକରେ ବହୁତ କମ୍ ପାଣି ରହୁଥିବା ତଥା ଜଳାଶୟରେ ଦଳ ଭର୍ତି ହୋଇ ରହୁଥିବାରୁ ପାଣି ଦୂଷିତ ହୋଇ ମଶାମାଛିଙ୍କ ବଂଶ ବିସ୍ତାରର କେନ୍ଦ୍ର ପାଲଟିଯାଉଛି । ଅନେକ ଗ୍ରାମରେ କୌଣସି ବିକଳ୍ପ ନଥିବାରୁ ଲୋକେ ଦୂଷିତ ପାଣିରେ ସ୍ନାନ ଶୌଚ କରିବାକୁ ବାଧ୍ୟ ହେଉଛନ୍ତି । ସ୍ୱାଧୀନତାର ୭୫ବର୍ଷ ଭିତରେ କେତେ ସରକାର ଆସିଲେ ଗଲେ କିନ୍ତୁ ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ଦିଗରେ କାହାରି ନିଘା ନାହିଁ ।

ଏପରିକି ନିର୍ବାଚନରେ ଏହା କୌଣସି ରାଜନୈତିକ ଦଳର ଇସ୍ତାହାରରେ ସ୍ଥାନ ପାଉନାହିଁ କି ପ୍ରସଙ୍ଗ ବି ହୋଇପାରୁନାହିଁ । ସରକାର ଜନସାଧାରଣଙ୍କ ଜଳ ଚାହିଦା ପୂରଣ କରିବାପାଇଁ ଆଦର୍ଶ ପୁଷ୍କରିଣୀ, ଜଳବିଭାଜିକା ପ୍ରକଳ୍ପ, ଜଳଅମଳ ପ୍ରକଳ୍ପ, ଆଡିବନ୍ଧ, ଚେକ୍ ଡ୍ୟାମ୍ ପରି ଏକାଧିକ ଯୋଜନା ମାଧ୍ୟମରେ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ତ୍ରୁଟିପୂର୍ଣ୍ଣ ପରିଯୋଜନା ଏବଂ କ୍ରିୟାନ୍ୱୟନରେ ଚରମ ଦୁର୍ନୀତି କରି ସରକାରୀ ଟଙ୍କା ବାଟମାରଣା ହେଉଥିବାରୁ ସଂପୃକ୍ତ ଯୋଜନାର ସୁଫଳ ଲୋକେ ପାଇପାରୁ ନାହାନ୍ତି । ଯାହାଫଳରେ ଜନସାଧାରଣଙ୍କ ଜଳ ଚାହିଦା ପୂରଣ ହୋଇପାରୁନାହିଁ ।

ଅପରପକ୍ଷରେ ସରକାର ପାରମ୍ପାରିକ ଜଳଉତ୍ସଗୁଡିକର ପୁନରୁଦ୍ଧାର, ରକ୍ଷଣାବେକ୍ଷଣ ଓ ପଙ୍କୋଦ୍ଧାର ପାଇଁ ଫଳପ୍ରସୂ ଯୋଜନା ମଧ୍ୟ କାର୍ଯ୍ୟକାରୀ କରୁନାହାନ୍ତି । ଫଳରେ କାହିଁ କେଉଁ ଯୁଗରୁ ବର୍ଷବର୍ଷ ଧରି ଜନସାଧାରଣ ଏବଂ ଅନ୍ୟ ଜୀବଜନ୍ତୁମାନଙ୍କୁ ଜଳଦାନ କରିବା ସହିତ ଫସଲକୁ ମରୁଡ଼ି ଦାଉରୁ ରକ୍ଷାକରି ଜନସାଧାରଣଙ୍କୁ ଖାଦ୍ୟ ନିରାପତା ପ୍ରଦାନ କରି ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେଉଥିବା ବନ୍ଧ, କଁଟା, ମୁଡା, ଘାଘରା ଆଦି ଜଳାଶୟର ଅସ୍ତିତ୍ୱ ଏବେ ଘୋର ସଙ୍କଟରେ ରହିଛି । ବର୍ଷାଜଳ ସଂରକ୍ଷଣର ସର୍ବପ୍ରଥମ ଓ ପ୍ରାଚୀନ ପରମ୍ପରା ବୋଲି କୁହାଯାଉଥିବା ଅନେକ ଜଳାଶୟ ଧୀରେଧୀରେ ନିଶ୍ଚିହ୍ନ ହେବାରେ ଲାଗିଛି ।

ରେଙ୍ଗାଲି ବ୍ଲକରେ ଏହାର ଅନେକ ଉଦାହରଣ ଦେଖିବାକୁ ମିଳୁଛି । ବର୍ଷ ବର୍ଷ ହେଲା ପଙ୍କୋଦ୍ଧାର କରାଯାଇନାହିଁ । ଅଧିକାଂଶ ବନ୍ଧ, କଁଟାଗୁଡିକର ସ୍ଥିତି ବିପନ୍ନ ହୋଇ ଅର୍ଦ୍ଧଜୀବିତ ଅର୍ଦ୍ଧମୃତ ଅବସ୍ଥାରେ ପଡ଼ି



ରହିଥିବାରୁ ଗ୍ରୀଷ୍ମଋତୁରେ ଅନେକ ଜଳାଶୟ ଶୁଖିଲା ରହୁଛି । କେତେକରେ ପାଣି ରହୁଥିଲେ ମଧ୍ୟ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ । ଏହି ସମସ୍ୟା ଧନୀକ ଶ୍ରେଣୀର ଲୋକଙ୍କୁ କିଛି ଫରକ୍ ପଡୁ ନଥିବା ବେଳେ ସ୍ନାନ ଶୌଚାଦି ପାଇଁ ବନ୍ଧକଟା ପୋଖରୀ ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରୁଥିବା ଜନସାଧାରଣ ଏବଂ ପଶୁପକ୍ଷୀମାନଙ୍କ ପାଇଁ ବହୁତ କଷ୍ଟଦାୟକ ହୋଇପଡୁଛି ।

ବର୍ଷାଜଳକୁ ସଂରକ୍ଷଣ କରି ରଖିବାର ପ୍ରାଚିନ ପରମ୍ପରା ପ୍ରତି ଚରମ ଅବହେଳା ଯୋଗୁ ଜଳଉତ୍ସଗୁଡିକର ଦ୍ରୁତ ଅବକ୍ଷୟ ହୋଇ ନିୟମିତ ବ୍ୟବଧାନରେ ମରୁଡ଼ି ସମସ୍ୟା ତଥା ଗ୍ରୀଷ୍ମ ଋତୁ ଆରମ୍ଭ ନ ହେଉଣୁ ଜଳାଶୟ ଶୁଖିଯାଇ ଲୋକେ ସ୍ନାନ ଶୌଚ ପାଇଁ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଥିବାର ଦେଖାଦେଉଛି ଏବଂ ଗ୍ରୀଷ୍ମଋତୁରେ ଜଳସଙ୍କଟ ସମସ୍ୟା ବର୍ଷକୁ ବର୍ଷ ଗମ୍ଭୀର ଆକାର ଧାରଣ କରିବାରେ ଲାଗିଛି । ରାଜାରାଜୁଡା ଅମଳରେ ପୁଣ୍ୟ ଅର୍ଜନ ପାଇଁ ଲୋକେ ପୋଖରୀ ଖନନ କରୁଥିଲେ କିନ୍ତୁ ଏବେ ବସ୍ତୁବାଦରେ ଆକ୍ରାନ୍ତ ହୋଇ ପ୍ରାଚୀନ କାଳରୁ ଥିବା ଜଳଉତ୍ସକୁ ପୋତି ଦେଇ ସେଠାରେ ବିଳାଶମୟ କୋଠା ନିର୍ମାଣ କରିବାକୁ ଲୋକେ ତିଳେମାତ୍ର କୁଣ୍ଠା ପ୍ରକାଶ କରୁନାହାନ୍ତି । ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠାରେ ପୋଖରୀ ସଂସ୍କୃତି ପ୍ରତି ଅବିଚାର ଓ ଅବହେଳା କରାଯାଉଥିବା ଦେଖିବାକୁ ମିଳୁଛି ।

ସରକାର ଏ ଦିଗରେ ସ୍ୱତନ୍ତ୍ର ଗୁରୁତ୍ୱ ଦେଇ ସମୟବଦ୍ଧ ଫଳପ୍ରସୂ ଯୋଜନା ମାଧ୍ୟମରେ ପାରମ୍ପାରିକ ଜଳଉତ୍ସଗୁଡିକର ପୁନରୁଦ୍ଧାର କରି ସୁରକ୍ଷା ନକଲେ ଆଗାମୀ କିଛି ବର୍ଷ ପରେ ବହୁ ଜଳଉତ୍ସ ଲୋପ ପାଇଯିବା ନିଶ୍ଚିତ । ଜଳଉତ୍ସଗୁଡିକ ବିଲୁପ୍ତିର ଦ୍ୱାର ଦେଶରେ ଉପନୀତ କିନ୍ତୁ କ୍ଷୋଭର ବିଷୟ ଯେ ପାରମ୍ପରିକ ଜଳଉତ୍ସଗୁଡିକର ପୁନରୁଦ୍ଧାର ପାଇଁ ସରକାର ଯେଭଳି ଗୁରୁତ୍ୱ ଦେବା କଥା ଦେଉ ନାହନ୍ତି । ବରଂ ଗଭୀର ନଳକୂପ ଖନନ ପାଇଁ ପ୍ରୋତ୍ସାହନ ଦେବା ଫଳରେ ଭୂତଳ ଜଳସ୍ତର କୁ ଆହୁରି ପାତାଳଗାମୀ କରି ଦିଆଯାଉଛି । ରେଙ୍ଗାଲି ବ୍ଲକ୍ ଏକ ଶିଳ୍ପ ସମୃଦ୍ଧ ଅ*ଳ । ଏହି ବ୍ଲକରେ ଥିବା ବହୁରାଷ୍ଟ୍ରୀୟ କମ୍ପାନୀର ଖଣି ଖାଦାନ କଳକାରଖାନାଗୁଡିକର ପାରିପାର୍ଶ୍ୱିକ ବିକାଶ ପାଣ୍ଠିରୁ ଅ*ଳର ଜରାଜୀର୍ଣ୍ଣ ହୋଇ ପଡ଼ିଥିବା ଜଳାଶୟଗୁଡିକର ପୁନରୁଦ୍ଧାର କରାଯିବା ପାଇଁ ପଦକ୍ଷେପ ନିଆଗଲେଏହି ସମସ୍ୟାର ଏକ ପ୍ରକାର ସ୍ଥାୟୀ ପ୍ରତିକାର ହୋଇପାରନ୍ତା ବୋଲି ସଚେତନ ନାଗରିକ ମହଲରେ ଦାବୀ ହେଉଛି ।

ଅବଶ୍ୟ ଗତ ବର୍ଷ କେତେକ ଶିକ୍ଷାନୁଷ୍ଠାନ କେତେକ ଅ*ଳରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବନ୍ଧକଟା ପୋଖରୀର ପୁନରୁଦ୍ଧାର କାର୍ଯ୍ୟ କରିଥିବାର ଦେଖିବାକୁ ମିଳିଥିଲା । ତେବେ ଏହା ଯଥେଷ୍ଟ ନୁହେଁ । ଏନେଇ ଏକ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରାଯାଇ ବ୍ଲକ୍ ପ୍ରତି ପ*ାୟତ ଅ*ଳରେ ଦୟନୀୟ ସ୍ଥିତିରେ ଥିବା ପାରମ୍ପାରିକ ଜଳାଶୟର ପୁନଃରୁଦ୍ଧାରର ଅବଶ୍ୟକତା ରହିଛି ବୋଲି ସଚେତନ ନାଗରିକ ମହଲରେ ମତପ୍ରକାଶ ପାଉଛି ।

# ଚପଲ ମଧ୍ୟ କୁ-ନଜର ଦୂର କରିବା ପାଇଁ ବ୍ୟବହାର କରାଯାଏ !

**କେବଳ ଭାରତରେ ନୁହେଁ ବରଂ ଆଜି ବି ବିଶ୍ୱରେ ଅନେକ ଦେଶ ଅଛି ଯେଉଁଠାରେ ଲୋକମାନେ ଖରାପ ନଜରରେ ବିଶ୍ୱାସ କରନ୍ତି ଏବଂ ଏହା ସହିତ ଜଡିତ ପ୍ରତିକାର କରନ୍ତି । ଯଦିଓ କିଛି ଲୋକ ଏହାକୁ ଅନ୍ଧବିଶ୍ୱାସ ବୋଲି କୁହନ୍ତି । କିନ୍ତୁ ଯେତେବେଳେ ପିଲାର ସ୍ୱାସ୍ଥ୍ୟ ଖରାପ ହୁଏ, ମା'ଙ୍କ ପ୍ରେମ ବିଶ୍ୱାସ ଏବଂ ଅନ୍ଧବିଶ୍ୱାସ ମଧ୍ୟରେ ପାର୍ଥକ୍ୟ ଦେଖିନଥାଏ । ସେଥିପାଇଁ ଏକ କଥା ଅଛି ଯେ, ଯଦି ଔଷଧ କାମ ନ କରେ, ତେବେ ଖରାପ ନଜର ଦୂର ହୁଏ, ସେ ଜଣେ ମା', ସେ କେବେ ହାର ମାନନ୍ତି ନାହିଁ ।**



**ମା' ଯଶୋଦା ଏକ ଶକ୍ତିଶାଳୀ ଗାଈର ଲାଞ୍ଜ ସାହାଯ୍ୟରେ କୃଷ୍ଣଙ୍କ ଠାରୁ ଖରାପ ନଜର ଦୂର କରୁଥିଲେ ।**

ଆଧୁନିକ ଯୁଗର ମା' ହୁଅନ୍ତୁ କିମ୍ବା ଦ୍ୱାପର ଯୁଗର ମା' ଯଶୋଦା, ପ୍ରତ୍ୟେକ ମା' ତାଙ୍କ ସନ୍ତାନକୁ ଖରାପ ନଜରରୁ ଦୂରରେ ରଖିବାକୁ ଚେଷ୍ଟା କରନ୍ତି । ସେ ସବୁବେଳେ ଚାହାଁନ୍ତି ଯେ ତାଙ୍କ ପିଲା ଉପରେ କାହାର ଖରାପ ନଜର ନ ପଡ଼ୁ । ପୌରାଣିକ କାହାଣୀରେ ବର୍ଣ୍ଣନା ଅଛି ଯେ, ମା' ଯଶୋଦା ଏକ ଶକ୍ତିଶାଳୀ ଗାଈର ଲାଞ୍ଜ ସାହାଯ୍ୟରେ କାନ୍ହା ଠାରୁ ଖରାପ ନଜର ଦୂର କରୁଥିଲେ । ଏହା ଦର୍ଶାଉଛି ଯେ, ମାତା ଯଶୋଦା ମଧ୍ୟ କୃଷ୍ଣଙ୍କୁ କୁଦୃଷ୍ଟିରୁ ରକ୍ଷା କରିବା ପାଇଁ ଚିନ୍ତିତ ଥିଲେ ।

କେବଳ ମାତା ଯଶୋଦା ନୁହେଁ, ପ୍ରତ୍ୟେକ ମାଆ ତାଙ୍କ ସନ୍ତାନ ପାଇଁ ଚିନ୍ତିତ ଏବଂ ଏହି ଚିନ୍ତା ସେମାନଙ୍କର ମାତୃ ପ୍ରେମ, ଯଦିଓ କେହି ଏହାକୁ ଅନ୍ଧବିଶ୍ୱାସ ବୋଲି କୁହନ୍ତି । ଯଦି ପିଲାଟିର ସ୍ୱାସ୍ଥ୍ୟ ହଠାତ୍ ଖରାପ ହୋଇଯାଏ, ପିଲାଟି କାରଣ ବିନା କାନ୍ଦିବାକୁ ଲାଗେ, ଚିଡ଼ଚିଡ଼ା ହୋଇଯାଏ କିମ୍ବା ଔଷଧ କାମ ନ କରେ, ତେବେ ମା ତୁରନ୍ତ ତାଙ୍କ ପିଲାଠାରୁ କୁଦୃଷ୍ଟି ଦୂର କରିଦିଏ ।

**ଚପଲ ସାହାଯ୍ୟରେ କୁଦୃଷ୍ଟି ଦୂର କରିବାର କୌଶଳ**

ସାଧାରଣତଃ, ଲେମ୍ବୁ, ଲାଲ ଲଙ୍କା, ଲୁଣ, କର୍ପୂର, ସୋରିଷ, ପିଆଜ ଚୋପା ଇତ୍ୟାଦି ଜିନିଷ ଖରାପ ନଜର ଦୂର କରିବା ପାଇଁ ବ୍ୟବହାର କରାଯାଏ । କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଚପଲ ସାହାଯ୍ୟରେ ମଧ୍ୟ କୁଦୃଷ୍ଟି ଦୂର କରାଯାଏ ? ଏହି କୌଶଳ ଆପଣଙ୍କୁ ଅଜବ ଲାଗିପାରେ, କିନ୍ତୁ ଏହାକୁ କୁଦୃଷ୍ଟି ଦୂର କରିବାର ଏକ ପାରଂପରିକ କୌଶଳ ଭାବରେ ବିବେଚନା କରାଯାଏ ଏବଂ ଆଜି ମଧ୍ୟ ଲୋକମାନେ ଏଥିରେ ବିଶ୍ୱାସ କରନ୍ତି । ଏହା ସହିତ, ଏହି ଉପାୟ ଜ୍ୟୋତିଷ ଏବଂ ପରଂପରା ଉଭୟ ସହିତ ମଧ୍ୟ ଜଡିତ । ଆସନ୍ତୁ ଜାଣିବା ଚପଲ ସାହାଯ୍ୟରେ ପ୍ରକୃତରେ କୁଦୃଷ୍ଟି ଦୂର ହୁଏ କି ନାହିଁ ଏବଂ ଏହାର ପଦ୍ଧତି କ'ଣ ?

**ଚପଲ ସାହାଯ୍ୟରେ ପ୍ରକୃତରେ କୁଦୃଷ୍ଟି ଦୂର ହୁଏ କି !**

ଯଦିଓ, ଜ୍ୟୋତିଷ ଶାସ୍ତ୍ରରେ ଚପଲ ସାହାଯ୍ୟରେ କୁଦୃଷ୍ଟି ଦୂର କରିବାର କୌଣସି ସିଧାସଳଖ ଉଲ୍ଲେଖ ନାହିଁ । କିନ୍ତୁ ଜ୍ୟୋତିଷ ଶାସ୍ତ୍ରରେ, ଏହା ବିଶ୍ୱାସ କରାଯାଏ ଯେ ଶନି ଦେବ ପାଦରେ ବାସ କରନ୍ତି । ଯେତେବେଳେ, ଖରାପ ଦୃଷ୍ଟି ରାହୁ ସହିତ ଜଡିତ । ଚପଲ ପାଦରେ ପିନ୍ଧାଯାଏ ଏବଂ ଏହା ପ୍ରାୟତଃ ଭୂମି ସହିତ ସଂସ୍ପର୍ଶରେ ରହିଥାଏ, ଯାହା ଫଳରେ ଚପଲର ନକାରାତ୍ମକ ଶକ୍ତି ଶୋଷଣ କରିବାର କ୍ଷମତା ଅଧିକ ଥାଏ ।

ଏହା ବିଶ୍ୱାସ କରାଯାଏ ଯେ ଯେତେବେଳେ କେହି ଖରାପ ନଜର ଦ୍ୱାରା ପ୍ରଭାବିତ ହୁଅନ୍ତି, ନକାରାତ୍ମକ ଶକ୍ତି ବ୍ୟକ୍ତି ମଧ୍ୟରେ ପ୍ରବେଶ କରେ ଏବଂ ଯେତେବେଳେ ଚପଲ ସାହାଯ୍ୟରେ ଖରାପ ଦୃଷ୍ଟି ଦୂର କରାଯାଏ, ଚପଲ ନିଜ ଭିତରେ ଥିବା ନକାରାତ୍ମକ ଶକ୍ତିକୁ ଟାଣି ନେଇଥାଏ ଏବଂ ଖରାପ ଦୃଷ୍ଟି ଦୋଷକୁ ଦୂର କରିଥାଏ । ଏହି କାରଣରୁ ଲୋକମାନେ ଏବେ ବି ନକାରାତ୍ମକ ପ୍ରଭାବରୁ ରକ୍ଷା ପାଇବା ପାଇଁ ଜୋତା ଏବଂ ଚପଲର ଏହି ଉପଚାର ବ୍ୟବହାର କରନ୍ତି ।

**ଚପଲ ସାହାଯ୍ୟରେ ଖରାପ ନଜର ଦୂର କରିବାର ପାରଂପରିକ ଉପାୟ**

ଚପଲ ସାହାଯ୍ୟରେ ଖରାପ ନଜର ଦୂର କରିବାର ପ୍ରକ୍ରିୟା ବହୁତ ସରଳ । ସାଧାରଣତଃ, ଶନିବାର ଦିନ ଏହି ଟ୍ରିକ୍ କରିବାକୁ ଅଧିକ ପ୍ରଭାବଶାଳୀ ବିବେଚନା କରାଯାଏ । ଏଥିପାଇଁ, ଖରାପ ନଜର ଦ୍ୱାରା ପ୍ରଭାବିତ ପିଲାର ଜୋତା କିମ୍ବା ଚପଲକୁ ତାଙ୍କ ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ଓଲଟା କ୍ରମରେ (ଘଂଟା ଘଂଟି ବିରୁଦ୍ଧରେ) ସାତ ଥର ଘୂରାଯାଏ । ଏହା ପରେ, ଘରର ଦ୍ୱାରବନ୍ଧରେ ଚପଲକୁ ଜୋରରେ ତିନି ଥର ହଲାଇ ଦିଆଯାଏ । ଏହା କରିବା ଦ୍ୱାରା, ଦୁଷ୍ଟ ଦୃଷ୍ଟିର ପ୍ରଭାବ ଦ୍ୱାର ବାହାରେ ଶେଷ ହୋଇଯାଏ ବୋଲି ବିଶ୍ୱାସ କରାଯାଏ । ଏହି କୌଶଳ କରିବା ପରେ, ଚପଲଗୁଡ଼ିକୁ ପୁନର୍ବାର ସେମାନଙ୍କ ସ୍ଥାନରେ ରଖାଯାଏ ଏବଂ ପୁଣି ବ୍ୟବହାର କରାଯାଇପାରିବ ।

**ଦୁଷ୍ଟ ଦୃଷ୍ଟିକୁ ଦୂର କରିବା ଦ୍ୱାରା କ'ଣ ପ୍ରକୃତରେ ଦୁଷ୍ଟ ଦୃଷ୍ଟି ଦୂର ହୋଇଯାଏ ?**

ବିଜ୍ଞାନ ଦୁଷ୍ଟ ଦୃଷ୍ଟି ଦୂର କରିବାର ପଦ୍ଧତି କିମ୍ବା ପ୍ରତିକାରରେ ବିଶ୍ୱାସ କରେ ନାହିଁ, କିମ୍ବା ଏହାକୁ ବୈଜ୍ଞାନିକ ଭାବରେ ନିଶ୍ଚିତ କରେ ନାହିଁ । କିନ୍ତୁ ଦୁଷ୍ଟ ଦୃଷ୍ଟି ଦୂର କରିବା ଦ୍ୱାରା ମନକୁ ଶାନ୍ତି ମିଳେ, ସନ୍ଦେହ ଦୂର ହୁଏ, ସନ୍ତୋଷ ମିଳିଥାଏ ଏବଂ ଭୟ ମଧ୍ୟ କମିଯାଏ । ସେଥିପାଇଁ ଲୋକମାନେ ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ଦୁଷ୍ଟ ଦୃଷ୍ଟି ଦୂର କରିବାର କୌଶଳରେ ବିଶ୍ୱାସ କରନ୍ତି ।

# ଆପଣଙ୍କ ପିଲା ମିଛ କହୁଛି କି ?



**ଛୋଟ ପିଲା କେବେ ସ୍କୁଲ ହେଉ ବା ସାଙ୍ଗସାଥି ଅବା ପିତାମାତାଙ୍କ ଆଗରେ ମିଛ କହି ନିଜକୁ ଆତ୍ମରକ୍ଷା କରୁଥିବା ଭଳି କଥା ଜଣାପଡ଼େ । ଯେଉଁଥିପାଇଁ ପିତାମାତା ଅନ୍ୟମାନଙ୍କ ଆଗରେ ନିଜକୁ ଅପମାନିତବୋଧ କରିଥାନ୍ତି । ତେବେ ଶିଶୁ ବାରମ୍ବାର ମିଛ କହିବା ପଛରେ କ'ଣ କାରଣ ରହିଥାଏ ତାହା ପ୍ରଥମେ ଜାଣିବା ଉଚିତ୍ ।**

ଶିଶୁ ବିଶେଷଜ୍ଞଙ୍କ ମତରେ, ପିଲାର ଏଭଳି ଆଚରଣ ପାଇଁ ପିତାମାତା ହିଁ ଦାୟୀ ଥାଆନ୍ତି । କାରଣ ପିଲା ମନ ଭିତରେ ସବୁବେଳେ ଏକ ଭୟ ରହିଥାଏ ଯେ, ଯଦି ତା'ର କୌଣସି ଦୋଷ ତ୍ରୁଟି ମାଆବାପା ଜାଣିଦେବେ ତାହାଲେ ନିଶ୍ଚୟ ରାଗିଯାଇ ଗାଳି, ମାଡ଼ ଦେବେ । ତେଣୁ ସେ ଏହି ଭୟକୁ ଛାଡ଼ି ନପାରି ବାରମ୍ବାର ମିଛର ଆଶ୍ରୟ ନେଇଥାଏ । ପିତାମାତା ମଧ ଅଧିକାଂଶ ସମୟରେ ପିଲା ଉପରେ ନିଜର ଇଛା ଜାହିର୍ କରିଥାନ୍ତି । ପରୀକ୍ଷାରେ ପିଲା ଯେପରି ଅଧିକ ନମ୍ବର ରଖେ ସେଥିପ୍ରତି ମଧ ପରୋକ୍ଷରେ ପୂର୍ବରୁ ତାଗିଦ୍ କରିଥାନ୍ତି । ନିଜର ଜିନିଷପତ୍ର ଗୁଡ଼ିକୁ ଯତ୍ନ ସହକାରେ ରଖିବା ପାଇଁ ବି ବେଳେବେଳେ ମାଆବାପା ଆଦେଶ ଦିଅନ୍ତି । ଅଭିଭାବକଙ୍କର ଏଭଳି ଆଦେଶ, ଉପଦେଶ ଦେବାର ମାନସିକତା ହିଁ ପିଲା ପାଇଁ ଅଡୁଆ ହୁଏ । ପିଲା ଯଦି ପିତାମାତାଙ୍କର ଏଭଳି ଇଚ୍ଛା ପୂରଣ କରି ନପାରେ ତେବେ ଅଯୋଗ୍ୟ ମନେକରି ନିଜ ଭିତରେ ଭୟ ପାଏ । ତାର ଅସଫଳତାରେ ତାକୁ ଆକ୍ଷେପ କରିବା ଦ୍ୱାରା ମଧ ପିଲାର ମାନସିକତା ଦୁର୍ବଳ ହୋଇପଡ଼େ ଏବଂ ସେ ମିଛ କରିବାକୁ ଚେଷ୍ଟା କରେ । ଫଳତଃ ଶିଶୁ ଆଜିର ଏହି ପ୍ରତିଯୋଗିତାମୂଳକ ଦୁନିଆରେ ନିଜ ପ୍ରତି ଆତ୍ମବିଶ୍ୱାସ ରଖିପାରେନାହିଁ । ତାକୁ ସବୁବେଳେ ଅନୁଭବ ହୁଏ ଯେ, ପରୀକ୍ଷା ବା ଖେଳକୁଦରେ ଭଲ ପ୍ରଦର୍ଶନ ନକଲେ ସାଙ୍ଗସାଥି ତଥା ପରିବାରରେ ଆକ୍ଷେପ ହେବା ଭଳି ପରିସ୍ଥିତିକୁ ସାମ୍ନା କରିବ । ତେଣୁ ଏପରି ଅବସ୍ଥାରେ ମିଛର ଆଶ୍ରୟକୁ ଅଧିକ ଶ୍ରେୟ ମଣେ ।

ତେଣୁ ଯଦି ଆମେ ପିଲାଙ୍କୁ ଅଧିକ ଶୃଙ୍ଖଳିତ ରଖି ରଖିବାକୁ ଚାହିଁବା ପ୍ରଥମେ ତା' ଭିତରେ ଥିବା ଦୁର୍ବଳତାକୁ ବୁଝିବା ସହ ସ୍ୱୀକାର କରିନେବା ଜରୁରୀ ଅଟେ । ସବୁଠାରୁ ବଡ଼ କଥା ହେଉଛି, ଆଜି ବି ଅଧିକାଂଶ ପିତାମାତା ପିଲାର ଦୁର୍ବଳତାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥାନ୍ତି, ଯାହାକି ପିଲା ଉପରେ ପ୍ରଭାବ ପକାଏ । ଖେଳକୁଦ ହେଉ ବା ପାଠପଢ଼ା ସେ ଏସବୁରେ ଆଗ୍ରହୀ ନଥାଏ, କେବଳ ଭଲ ନମ୍ବର ରଖିବା ଆବଶ୍ୟକ ବୋଲି ଅନୁଭବ କରେ । ତେଣୁ ପିତାମାତା ସବୁବେଳେ ପିଲାର ସକାରାତ୍ମକ ମନୋଭାବ ଜାଗ୍ରତ କରିବା ଉଚିତ୍ । ଭଲ ନମ୍ବର କିମ୍ବା ସଫଳତା ବଦଳରେ ଶିଖିବାର କୌଶଳ ରଖିବା ପାଇଁ ଉତ୍ସାହିତ କରିବା ଉଚିତ୍ । ପିଲାର ସଫଳତାରେ ସାବାସୀ ଓ ବିଫଳତା ମଧ ଉତ୍ସାହିତ କରିବା ଆବଶ୍ୟକ । ଦୋଷ ତ୍ରୁଟିରେ ଗାଳି ଦେବା ବଦଳରେ ପିତାମାତା ପିଲାଙ୍କୁ ସ୍ନେହଭାବ ରଖି ବୁଝାଇବା ସହ ପ୍ରେରଣା ଦେଲେ ହିଁ ପିଲା ଭଲ ପ୍ରଦର୍ଶନ କରିବା ସହ ମିଛ ଠାରୁ ନିଜକୁ ଦୂରେଇ ରଖିବ ।

# ବନ୍ୟାରେ ଉବୁଟୁବୁ ପାକିସ୍ତାନ; ୨୦୦ରୁ ଅଧିକ ମୃତ



ଇସଲାମାବାଦ: ବର୍ଷା ଯୋଗୁଁ ପାକିସ୍ତାନରେ ପରିସ୍ଥିତି ବେହାଲ ହୋଇପଡିଛି । ବନ୍ୟା ଆସିବା ଫଳରେ ୨୦୦ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଏଥିରେ ୧୦୦ରୁ ଅଧିକ ଶିଶୁ ସାମିଲ ରହିଛନ୍ତି । ମୌସୁମୀ ପ୍ରଭାବରୁ ପଡୋଶୀ ଦେଶରେ ଭାରି ବର୍ଷା ହେବା କାରଣରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ଏବିଷୟରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ସଂସ୍ଥା ସୂଚନା ଦେଇଛି ।

ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ବନ୍ୟା କାରଣରୁ ପାକିସ୍ତାନରେ ଘଟିଥିବା ମୃତ୍ୟୁ ମଧ୍ୟରୁ ୧୨୩ ଜଣଙ୍କ ମୃତ୍ୟୁ ପଞ୍ଜାବରେ ଘଟିଛି । ସେହିପରି ଖାଇବର ପଖତୁନ ?ାରେ ୪୦ ଜଣ, ସିନ୍ଧ ପ୍ରଦେଶରେ ୨୧ ଜଣ, ବଲୁଚିସ୍ତାନରେ ୧୬ ଜଣ, ଇସ୍ଲାମାବାଦ ଓ ପାକିସ୍ତାନ ଅଧିକୃତ କାଶ୍ମୀରରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି । ଅଧିକାଂଶ ବର୍ଷା ଯୋଗୁଁ ଘର ଧସିଯିବାରୁ ମୃତ୍ୟୁ ହୋଇଥିବା ସୂଚନା ରହିଛି । ସେହିପରି ୩୦ ଜଣ ଅଚାନକ ବନ୍ୟା ଆସିବା କାରଣରୁ ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କର ବନ୍ୟାଜଳରେ ବୁଡି ଓ ବିଜୁଳି ପଡ଼ି ମୃତ୍ୟୁ ଘଟିଛି । ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ଅତ୍ୟଧିକ ବର୍ଷା କାରଣରୁ ୧୮୨ ଶିଶୁଙ୍କ ସମେତ ୫୬୦ରୁ ଅଧିକ ଆହତ ହୋଇଛନ୍ତି ।

ସୂଚନା ଅନୁଯାୟୀ ରା?ଲପିଣ୍ଡିରେ ହଠାତ ବନ୍ୟା ଆସିବାରୁ ବିଭିନ୍ନ ଘର ସମେତ ବଜାର ଆଦିରେ ବହୁ କ୍ଷୟକ୍ଷତି ହୋଇଛି । ଏଠାକାର ସମସ୍ତ ଅଂଚଳ ଜଳମଗ୍ନ ହୋଇଯାଇଛି । କିଛି ସ୍ଥାନରେ ଜଳ କିଛି ଫୁଟ ଉଚ୍ଚତାରେ ବହିବାରେ ଲାଗିଥିଲା । ଯାହା ଫଳରେ ସ୍ଥାନୀୟ ବାସିନ୍ଦାଙ୍କୁ ନିଜ ଘର ଛାଡି ଯିବାକୁ ପଡିଛି । ପାକିସ୍ତାନର ଫୈସଲାବାଦ ଠାରେ ସର୍ବାଧିକ କ୍ଷୟକ୍ଷତି ହୋଇଛି । ସେଠାରେ ଦୁଇ ଦିନ ମଧ୍ୟରେ ୩୩ଟି ଘଟଣାରେ ୧୧ଜଣଙ୍କର ମୃତ୍ୟୁ ଘଟିଛି ଓ ୬୦ ଜଣ ଆହତ ହୋଇଛନ୍ତି । ମୁଖ୍ୟତଃ ଦୁର୍ବଳ ଘର ଆଦି ଭାଙ୍ଗିଯିବାରୁ ବହୁ ଲୋକଙ୍କର ପ୍ରାଣହାନୀ ଘଟିଛି ।

**ଧୋଇଗଲା ସଡ଼କ:**
ସେହିପରି ପାକିସ୍ତାନର ପଞ୍ଜାବରେ ଅତ୍ୟଧିକ ବର୍ଷା କାରଣରୁ ଭୁସ୍ଖଳନ ଘଟି ଏକ ଘର ଭାଙ୍ଗିଯାଇଛି । ସେହିପରି ୪୫୦ ମିମି ଠାରୁ ଅଧିକ ବର୍ଷା ହୋଇଥିବା ଚକବାଲ ଠାରେ ଅତିକମରେ ୩୨ଟି ସଡ଼କ ଧୋଇ ହୋଇଯାଇଛି । ଏହା ସହିତ ଦେଶରେ ଯୋଗାଯୋଗ ସଂପର୍କ ବିଚ୍ଛିନ୍ନ ହୋଇଯାଇଛି । କେତେକ ସ୍ଥାନକୁ ବିଜୁଳି ଯୋଗାଣ ମଧ୍ୟ ପ୍ରଭାବିତ ହୋଇଛି । ତେବେ ସଂଯୁକ୍ତ ରାଷ୍ଟ୍ର ସମାଚାରର ତଥ୍ୟ ଅନୁଯାୟୀ, ଖାଇବର ପଖତୁନା ଓ ଗିଲଗିଟ ବାଲ୍‌ଟିସ୍ତାନରେ ଗ୍ଲେସିୟର ହ୍ରଦ ଫାଟି ବନ୍ୟା ପରିସ୍ଥିତି ଉପୁଜିବାକୁ ନେଇ ଆଶଙ୍କା କରାଯାଉଛି ।
ତେବେ ଚଳିତ ବର୍ଷର ବନ୍ୟା କିଛି ନୁଆ ନୁହେଁ । ସବୁ ବର୍ଷ ଜୁନ ମାସରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ପାକିସ୍ତାନକୁ ବନ୍ୟା ପରିସ୍ଥିତିର ସାମ୍ନା କରିବାକୁ ପଡେ । ଯାହା ଫଳରେ ଦୁର୍ବଳ ଘର, ଅଟ୍ଟାଳିକା ପ୍ରମୁଖ ଭାଙ୍ଗି ଧନ ଜୀବନ ଉପରେ ପ୍ରଭାବ ପକାଇଥାଏ ।

# ଏବେ ବି ରହିଛି ବହୁପତି ପ୍ରଥା



ନୂଆଦିଲ୍ଲୀ: ଦିନେ ମା' କୁନ୍ତୀଙ୍କ ପାଟିରୁ ବାହାରି ଆସିଥିବା କଥାକୁ ସମ୍ମାନ ଦେଇ ପାଣ୍ଡବ ପାଂଚ ଭାଇ ଦ୍ରୌପଦୀଙ୍କୁ ବିବାହ କରିଥିଲେ । ଏମିତି ବି ବିଶ୍ୱାସ କରାଯାଏ, କୁଆଡେ ପାଂଚ ଭାଇଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା ପାଇଁ କୁନ୍ତୀ ଏମିତି କହିଥିଲେ । ଯାହା ବି ହେଉ, ସମାଜରେ ବହୁ ପତି ପ୍ରଥାର ଆରମ୍ଭ ଏହିଠାରୁ ହୋଇଥିଲା ବୋଲି କୁହାଯାଇ ପାରିବ । ଏ ଖାଲି ପୁରାଣର କାହାଣୀ ନୁହେଁ, ଆଜିର ଦିନରେ ବି ଏମିତି ଘଟଣା ଦେଖିବାକୁ ମିଳିଛି । ସେଠି ପାଂଚ ଭାଇ ଜଣେ ମହିଳାଙ୍କୁ ବିବାହ କରିଥିଲେ, ଏଠି ଦୁଇ ଭାଇ ଜଣେ ମହିଳାଙ୍କୁ ବିବାହ କରିଛନ୍ତି ।
ଏମିତି ଘଟଣା ଦେଖିବାକୁ ମିଳିଛି ହିମାଚଳ ପ୍ରଦେଶରେ । ହଟ୍ଟି ଜନଜାତିର ଦୁଇ ଭାଇ ଜଣେ ମହିଳାଙ୍କୁ ବିବାହ କରିଛନ୍ତି । ଏହି ବିବାହ ଆୟୋଜିତ ହୋଇଥିଲା ହିମାଚଳ ପ୍ରଦେଶ ସିରମୌର ଜିଲ୍ଲାର ସିଲାଇ ଗାଁରେ । ଏହି ଅଂଚଳରେ ଏପରି ବିବାହ କିଛି ନୂଆ ନୁହେଁ । କାରଣ ସ୍ଥାନୀୟ ଟ୍ରାନ୍ସ-ଗିରି ଇଲାକାର କିଛି ଭାଗରେ ଆଜି ବି ବହୁ ପତି ପ୍ରଥା ପ୍ରଚଳିତ ଅଛି । ଏହି ପ୍ରଥା ଅନୁସାରେ ଏଠାରେ ଜଣେ ମହିଳା ଏକାଧିକ ପୁରୁଷଙ୍କୁ ବିବାହ କରିଥାନ୍ତି ।
ଏହି ଅଂଚଳର ଦୁଇ ଭାଇ ପ୍ରଦୀପ ଏବଂ କପିଳ ନେଗୀ । ଏମାନେ ସୁନୀତା ଚୌହାନ ନାମ୍ନୀ ଜଣେ ମହିଳାଙ୍କୁ ବିବାହ କରିଥିଲେ । ଏହି ବିବାହ ଆପୋଷ ବୁଝାମଣା ଭିତରେ ହୋଇଥିଲା । ପ୍ରଦୀପ ନେଗୀଙ୍କ କହିବା ଅନୁଯାୟୀ, ଆମେ ପରଂପରାର ପାଳନ କରି ଏହି ବିବାହ କରିଛୁ । ଏହି ପରଂପରାକୁ ନେଇ ଆମେ ଗର୍ବ କରୁ ଏବଂ ଏହା ଏକ ସାମୁହିକ ନିର୍ଣ୍ଣୟ ଥିଲା ।
ପ୍ରଦୀପ ଏବଂ କପିଳ ନେଗୀ ଉଭୟେ ଉଚ୍ଚ ଶିକ୍ଷିତ । ଜୁଲାଇ ୧୨ ତାରିଖରେ ଏହି ନିଆରା ବିବାହର ଅନୁଷ୍ଠିତ ହୋଇଥିଲା । ତିନି ଦିନ ଧରି ଚାଲିଥିଲା ଉତ୍ସବ । ଉତ୍ସବରେ ଶହ ଶହ ଲୋକ ଯୋଗ ଦେଇଥିଲେ । କପିଳ ବିଦେଶରେ କାମ କରନ୍ତି । କପିଳ କହିଛନ୍ତି, 'ଆମେ ଏକ ମିଳିତ ପରିବାରରେ ରହୁଛୁ । ସ୍ତ୍ରୀ ପାଇଁ ମୋର ସମର୍ଥନ, ସ୍ଥିରତା ଏବଂ ପ୍ରେମ ଏମିତି ରହିଥିବ । ଆମେ ସର୍ବଦା ସ୍ୱଚ୍ଛତାରେ ବିଶ୍ୱାସ କରିଆସିଛୁ ।'

**ଧୁମଧାମରେ ହୋଇଥିଲା ବିବାହ**
ବିବାହ ସମୟରେ ସ୍ଥାନୀୟ ଲୋକଗୀତ ଏବଂ ନୃତ୍ୟ ପ୍ରଦର୍ଶନ ମଧ୍ୟ କରାଯାଇଥିଲା । ଏହାର ଭିଡିଓଗୁଡ଼ିକ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । କୁନହାଟ ଗାଁର ବାସିନ୍ଦା ସୁନୀତା କହିଛନ୍ତି, ସେ ଏହି ପରଂପରା ବିଷୟରେ ଅବଗତ ଥିଲେ ଏବଂ ସେ ନିଜ ଇଚ୍ଛାରେ ଏହି ବିବାହ କରିଛନ୍ତି । ଏହି ପାରିବାରିକ ବନ୍ଧନକୁ ସେ ସମ୍ମାନ କରନ୍ତି ।

**ହିମାଚଳ ପ୍ରଦେଶରେ ଏବେ ବି ରହିଛି 'ଯୋଡିଦାର' ବା ବହୁପତି ପ୍ରଥା**
ହିମାଚଳ ପ୍ରଦେଶର ଏହାକୁ କୁହାଯାଏ 'ଯୋଡିଦାରା' ଯାହାର ଅର୍ଥ ବହୁ ପତି ପ୍ରଥା । ପିଟିଆଇର ରିପୋର୍ଟ ଅନୁଯାୟୀ, ସେହି ଅଂଚଳର ବଢାନା ଗାଁରେ ଗତ ଛଅ ବର୍ଷ ମଧ୍ୟରେ ଅତି କମରେ ପାଂଚଟି ଏପରି ବହୁପତି ବିବାହ ଘଟିଥିବା ରିପୋର୍ଟ କରାଯାଇଛି ।
ହଟ୍ଟି ସଂପ୍ରଦାୟ ମୁଖ୍ୟତଃ ହିମାଚଳ ପ୍ରଦେଶ-ଉତରାଖଣ୍ଡ ସୀମାରେ ବାସ କରନ୍ତି । ୨୦୨୨ରେ ଏମାନଙ୍କୁ ଅନୁସୂଚିତ ଜନଜାତିର ମାନ୍ୟତା ମିଳିଥିଲା । ଏହି ଅଂଚଳରେ ଐତିହାସିକ ଭାବରେ ବହୁପତି ପ୍ରଥା ରହିଆସିଛି । ଅବଶ୍ୟ ସାକ୍ଷରତା ବୃଦ୍ଧି, ସାମାଜିକ ପରିବର୍ତ୍ତନ ଏବଂ ଆର୍ଥିକ ବିକାଶ ଯୋଗୁଁ ଏହି ବହୁପତି ପ୍ରଥା କମି ଆସିଲାଣି, କିନ୍ତୁ ସଂପୂର୍ଣ କମିନି ।

**ଅନେକ ଜାଗାରେ ଲୁଚି ଛପି ହେଉଛି ଏପରି ବିବାହ**
ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ କହିବା ଅନୁଯାୟୀ, ଏବେ ବି ଅନେକ ଜାଗାରେ ଏପରି ବିବାହ ଲୁଚି ଛପି କରାଯାଉଛି । ଏହି ସଂପ୍ରଦାୟର କିଛି ବର୍ଗର ଲୋକେ ଏବେ ବି ଏହି ପ୍ରଥାକୁ ସ୍ୱୀକାର କରୁଛନ୍ତି । ଆକଳନ କରାଯାଇଛି, ହଟ୍ଟି ସଂପ୍ରଦାୟର ତିନି ଲକ୍ଷ ସଦସ୍ୟ ଟ୍ରାନ୍ସ-ଗିରି ଅଂଚଳର ପ୍ରାୟ ୪୫୦ଟି ଗାଁରେ ବାସ କରନ୍ତି ।

## ମଝି ସମୁଦ୍ରରେ ଭୟଙ୍କର ନିଆଁ; ନୂଆ ଜୀବନ ପାଇଲେ ୫୬୦ ଯାତ୍ରୀ

ଇଣ୍ଡୋନେସିଆ: ମଝି ସମୁଦ୍ରରେ ହଠାତ୍ ଏକ ଜାହାଜରେ ଲାଗିଗଲା ନିଆଁ । ସେତେବେଳେ ଜୀବନ ବିକଳରେ ସମୁଦ୍ରକୁ ଡେଇଁ ପଡିଥିଲେ ଯାତ୍ରୀ । ଇଣ୍ଡୋନେସିଆରେ ଘଟିଥିବା ଭୟଙ୍କର ଦୁର୍ଘଟଣାର ଭିଡିଓ ସାମ୍ନାକୁ ଆସିବା ପରେ ସମୁଦ୍ର ଭିତରେ ନିଆଁ କେତେ ଯେ ଭୟଙ୍କର ଥିଲା ତାହା ଅନୁମାନ କରିହେଉଛି ।
ତେବେ ଶତାଧିକ ଯାତ୍ରୀଙ୍କୁ ନେଇ ନେଇ ଯାଉଥିବା ଜାହାଜରେ ନିଆଁ ଲାଗିଯିବାରୁ ଇତି ମଧ୍ୟରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ଉଦ୍ଧାରକାରୀ ଦଳ ସ୍ପଷ୍ଟ କରିଥିବା ବେଳେ ୫୬୦ ଜଣଙ୍କୁ ନିଆଁ ଆଁରୁ ଏବଂ ପାଣି ପାଟିରୁ ଉଦ୍ଧାର କରାଯାଇଥିବା କହିଛନ୍ତି ।
ଦୁର୍ଘଟଣାର ଶିକାର ହୋଇଥିବା ଜାହାଜର ନାମ କେଏମ ବାର୍ସିଲୋନା । ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି ଜାହାଜରେ ନିଆଁ ଲାଗିଯାଇଥିବା ବେଳେ କଳା ଧୂଆଁର ଆସ୍ତରଣ ଛାଇ ଯାଇଛି । ହଠାତ୍ ନିଆଁ ଦେଖି ଜୀବନ ବିକଳରେ କିଛି ଲୋକ ଲାଇଫ ଜ୍ୟାକେଟ ପିନ୍ଧି ସମୁଦ୍ର ଭିତରକୁ ଡେଇଁପଡୁଛନ୍ତି । ଆଉ କିଛି ଲୋକ ଟ୍ୟୁବ ସହାୟତାରେ ସମୁଦ୍ରରେ ପହଁରି କୂଳକୁ ଆସିବାକୁ ଉଦ୍ୟମ କରୁଛନ୍ତି । ଅଘଟଣର ଖବର ପାଇବା ପରେ ତୁରନ୍ତ ପ୍ରଶାସନ ପକ୍ଷରୁ ଉଦ୍ଧାର କାମକୁ ଜୋରଦାର କରାଯାଇଥିଲା । ଉଦ୍ଧାର ୬ଟି ଜାହାଜ ମୁତୟନ ହୋଇଥିଲା । ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ବେଳେ ଉଦ୍ଧାର କାମରେ ସ୍ଥାନୀୟ ମତ୍ସ୍ୟଜୀବୀ ବି ସାହାର୍ଯ୍ୟ କରିଥିଲେ ।

## ବଡ଼ ଦୁର୍ଘଟଣାରୁ ବର୍ତିଲା ଏୟାର ଇଣ୍ଡିଆ

ମୁମ୍ବାଇ: ଅହମଦାବାଦରେ ହୋଇଥିବା ଏୟାର ଇଣ୍ଡିଆ ବିମାନ ବିସ୍ଫୋରଣ ଘଟଣାକୁ ମାସେ ବିତିଛି । ଏହି ସମୟ ମଧ୍ୟରେ ଏୟାର ଇଣ୍ଡିଆର ଅନେକ ବିମାନ ଯାନ୍ତ୍ରିକ ତ୍ରୁଟି ବା ଅନ୍ୟ କାରଣ ପାଇଁ ଜରୁରୀକାଳିନ ଅବତରଣ କରିଛି । ବାରମ୍ବାର ଦେଖାଯାଉଥିବା ତ୍ରୁଟି ପାଇଁ ବିବାଦରେ ଥିବା ଏୟାର ଇଣ୍ଡିଆକୁ ନେଇ ଏବେ ଆଉ ଏକ ଖବର ଆସିଛି । କୋଚିରୁ ମୁମ୍ବାଇ ଆସୁଥିବା ଏକ ଏୟାର ଇଣ୍ଡିଆ ବିମାନ ରନ୍‌ୱେରୁ ଖସିଯାଇଥିବା ଜଣାଯାଇଛି । ଏଥିପାଇଁ ବିମାନର ଅନେକ ଭାଗ କ୍ଷତିଗ୍ରସ୍ତ ହେବା ସହ ମରାମତି ପାଇଁ ବିମାନକୁ ଏବେ ଉଡ଼ାଣରୁ ନିବୃତ ରଖାଯାଇଛି ।
ବିମାନ କଂପାନିର ଏକ ସରକାରୀ ବିବୃତି ଅନୁଯାୟୀ, ସହର ଏବଂ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ପ୍ରବଳ ବର୍ଷା ପାଇଁ ଏହି ଘଟଣା ଘଟିଛି । ମିଳିଥିବା ସୂଚନା ମୁତାବକ, ସକାଳ ୯.୨୭ରେ ଏଆଇ ୨୭୪୪ ଅବତରଣ କରୁଥିବା ବେଳେ ରନୱେ ଓଦା ଥିବାରୁ ବିମାନର ଚକା ଖସିଥିଲା । ଏହା ଫଳରେ ବିମାନଟି ରନ୍‌ୱେରୁ ବାହାରକୁ ଚାଲିଯାଇଥିଲା । ହେଲେ ପାଇଲଟ୍ ବିମାନକୁ ରୋକିବାରେ ସଫଳ ହୋଇଥିଲେ । ଏନେଇ ସୂଚନା ମିଳିବା ପରେ ତୁରନ୍ତ ସେଠାରେ ଏମରଜେନ୍ସି ରେସପନ୍ସ ଟିମ୍ ପହଂଚି ବିମାନକୁ ପାର୍କିଂ ପର୍ଯ୍ୟନ୍ତ ଟାଣି ଟାଣି ଆଣିଥିଲେ । ବିମାନରେ ଥିବା ସମସ୍ତ ଯାତ୍ରୀ ଏବଂ କର୍ମଚାରୀଙ୍କୁ ଓହ୍ଲାଇ ଦିଆଯିବା ପରେ ବିମାନରେ ଏବେ ଯାଂଚ କାମ ଆରମ୍ଭ ହୋଇଛି । ଯେଉଁ ସବୁ ଫଟୋ ସାମ୍ନାକୁ ଆସିଛି, ସେଥିରେ ବିମାନ ଇଞ୍ଜିନ ଓ ୱିଙ୍ଗ କ୍ଷତିଗ୍ରସ୍ତ ହୋଇଥିବା ଦେଖାଯାଇଛି ।

# ରସେଲ-ପୁରନଙ୍କ ପରେ ଆଉ ୫ ଜଣ ନେବେ ଅବସର !



ନୂଆଦିଲ୍ଲୀ: ୱେଷ୍ଟଇଣ୍ଡିଜ୍ ବିସ୍ଫୋରକ ବ୍ୟାଟ୍ସମ୍ୟାନ୍ ଆନ୍ଦ୍ରେ ରସେଲ ସଂପ୍ରତି ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାକୁ ନିଷ୍ପତି ନେଇଛନ୍ତି । ଅଷ୍ଟ୍ରେଲିଆ ବିପକ୍ଷ ପାଂଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚ୍ ପରେ ରସେଲ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିବେ । ତାଙ୍କ ପୂର୍ବରୁ ୱେଷ୍ଟଇଣ୍ଡିଜ୍‌ର ବିସ୍ଫୋରକ ୱିକେଟକିପର ବ୍ୟାଟ୍ସମ୍ୟାନ୍ ନିକୋଲାସ୍ ପୁରନ୍ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇସାରିଛନ୍ତି । ମାତ୍ର ୨୯ ବର୍ଷ ବୟସରେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହି ପୂରନ୍ ସମସ୍ତଙ୍କୁ ଆଶ୍ଚର ?ୟ୍ୟ କରିଦେଇଥିଲେ । ଏବେ ଏହି ଦୁଇ ଖେଳାଳିଙ୍କ ପରେ ଆଉ ୫ ଜଣ ୱେଷ୍ଟଇଣ୍ଡିଜ୍ କ୍ରିକେଟର ଖୁବ୍ ଶୀଘ୍ର ଅବସର ନେଇପାରନ୍ତି ।

ଏହି ୫ ଜଣ କ୍ରିକେଟର ମଧ୍ୟ ଅବସର ନେଇପାରନ୍ତି

**ଆନ୍ଦ୍ରେ ଫ୍ଲେଚର**

ୱେଷ୍ଟଇଣ୍ଡିଜ୍ ବିସ୍ଫୋରକ ବ୍ୟାଟ୍ସମ୍ୟାନ୍ ଆନ୍ଦ୍ରେ ଫ୍ଲେଚର ମଧ୍ୟ ଖୁବ୍ ଶୀଘ୍ର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇପାରନ୍ତି । ଫ୍ଲେଚରଙ୍କ ବୟସ ୩୮ ବର୍ଷ । ସେ ୨୦୧୬ ରୁ ୱେଷ୍ଟଇଣ୍ଡିଜ୍ ଦିନିକିଆ ଦଳରୁ ବାହାରେ ଅଛନ୍ତି । ସେହି ସମୟରେ, ସେ ୨୦୨୪ ରୁ ଟି-୨୦ ଦଳରୁ ମଧ୍ୟ ବାହାରେ ଅଛନ୍ତି । ଫ୍ଲେଚର ୱେ?ଷ୍ଟଇଣ୍ଡିଜ୍ ପାଇଁ ୨୫ ଟି-୨୦ ଏବଂ ୬୦ ଟି-୨୦ ମ୍ୟାଚ୍ ଖେଳିଛନ୍ତି ।

**ଶିମରୋନ୍ ହେଟମାୟର**

ଶିମରୋନ୍ ହେଟମାୟର ୱେଷ୍ଟଇଣ୍ଡିଜ୍ ପାଇଁ ବିଶେଷ ପ୍ରଦର୍ଶନ କରିନାହାଁନ୍ତି । ହେଟମାୟର ଶେଷ ଥର ପାଇଁ ୨୦୧୯ରେ ୱେଷ୍ଟଇଣ୍ଡିଜ୍ ପାଇଁ ଏକ ଟେଷ୍ଟ ମ୍ୟାଚ୍ ଖେଳିଥିଲେ । ସେହି ସମୟରେ, ସେ ପ୍ରାୟ ଗୋଟିଏ ବର୍ଷ ଦିନିକିଆ ଖେଳିବା ପରେ ଦଳକୁ ଫେରିଥିଲେ । କିନ୍ତୁ ସେ କିଛି ବିଶେଷ କରିପାରି ନଥିଲେ । ଟି-୨୦ ରେ ୱେଷ୍ଟଇଣ୍ଡିଜ୍ ପାଇଁ ତାଙ୍କର କୌଣସି ବିଶେଷ ପ୍ରଦର୍ଶନ ହୋଇନାହିଁ । ହେଟମାୟର ୬୪ ମ୍ୟାଚ୍ ରେ ମାତ୍ର ୧୨୧.୩୫ ଷ୍ଟ୍ରାଇକ୍ ରେଟ୍ ରେ ୯୮୩ ରନ କରିଛନ୍ତି ।

**ଜାସନ୍ ହୋଲ୍ଡର**

ଜେସନ୍ ହୋଲ୍ଡର ଥରେ ୱେଷ୍ଟଇଣ୍ଡିଜ୍ ଦଳର ଦିନିକିଆ ଏବଂ ଟେଷ୍ଟ ଦଳର ଅଧିନାୟକ ଥିଲେ । କିନ୍ତୁ ବର୍ତ୍ମାନ ସେ ଉଭୟ ଦଳରୁ ବାହାରେ ଅଛନ୍ତି । ସେହି ସମୟରେ, ତାଙ୍କୁ ଟି-୨୦ କ୍ରିକେଟରେ ଖେଳୁଥିବାର ଦେଖାଯାଉଛି । ହୋଲ୍ଡ କୌଣସି ଫର୍ମାଟ୍ କିମ୍ବା ଅନ୍ୟଥା ଅନ୍ତର୍ଜାତୀୟ କ୍ରିକେଟକୁ ବିଦାୟ ଦେଇପାରନ୍ତି ।

**ଆକିଲ୍ ହୁସେନ୍**

ଆକିଲ୍ ହୁସେନ୍ ପ୍ରାୟ ଦୁଇ ବର୍ଷ ଧରି ଦିନିକିଆ ଦଳରୁ ବାହାରେ ଅଛନ୍ତି । ସେହି ସମୟରେ, ତାଙ୍କୁ କେବେବି ଟେଷ୍ଟ ଖେଳିବାର ସୁଯୋଗ ମିଳିନାହିଁ । ଏପରି ପରିସ୍ଥିତିରେ, ସେ ଏହି ଉଭୟ ଫର୍ମାଟ୍ ରୁ ଅବସର ନେଇପାରନ୍ତି । ଟି-୨୦ରେ ତାଙ୍କର ପ୍ରଦର୍ଶନ ମଧ୍ୟ ବହୁତ ଭଲ ହୋଇନାହିଁ । ସେ ୭୦ ମ୍ୟାଚ୍ ରୁ ମାତ୍ର ୬୫ ୱିକେଟ୍ ନେଇଛନ୍ତି ।

**ରୋଭମାନ ପାୱେଲ୍**

ୱେଷ୍ଟଇଣ୍ଡିଜ୍ ପୂର୍ବତନ ଅଧିନାୟକ ରୋଭମାନ ପାୱେଲ୍ ଦୁଇ ବର୍ଷ ଧରି ଏକଦିବସୀୟ କ୍ରିକେଟରୁ ବାହାରେ ଅଛନ୍ତି । ତାଙ୍କୁ ଟି-୨୦ କ୍ରିକେଟରେ ଅଧିନାୟକ ପଦରୁ ମଧ୍ୟ ଛଡ଼ାଇ ନିଆଯାଇଛି । ଟେଷ୍ଟ କ୍ରିକେଟରେ ପାୱେଲ୍‌ଙ୍କୁ ସୁଯୋଗ ମଧ୍ୟ ମିଳିନାହିଁ । ଏପରି ପରିସ୍ଥିତିରେ ସେ କ୍ରିକେଟର କୌଣସି ଫର୍ମାଟ୍ ରୁ ମଧ୍ୟ ଅବସର ନେଇପାରନ୍ତି ।




# ୧୨୮ ବର୍ଷ ପରେ ଅଲିମ୍ପିକ୍ସରେ କ୍ରିକେଟ

ନୂଆଦିଲ୍ଲୀ: ୧୨୮ ବର୍ଷ ପରେ କ୍ରିକେଟ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ୨୦୨୮ରେ ଏକ ଗୌରବମୟ ପୁନରାଗମନ କରୁଛି । ଜୁଲାଇ ୧୨ରୁ ୨୯ ପର୍ଯ୍ୟନ୍ତ ପୋମୋନାର ଫେୟାରପ୍ଲେକ୍ସରେ ଟି-୨୦ ଫର୍ମାଟରେ ପୁରୁଷ ଓ ମହିଳା ବିଭାଗରେ ଛଅଟି ଦଳ ମଧ୍ୟରେ ହେବ ତୀବ୍ର ପ୍ରତିଯୋଗିତା । ପ୍ରତ୍ୟେକ ଦଳରେ ୧୫ ଜଣିଆ ଖେଳାଳି ସାମିଲ ହେବେ, ଯେଉଁମାନେ ଅଲିମ୍ପିକ୍ସର ସୁନେଲି ପଦକ ପାଇଁ ଲଢ଼ିବେ । ଆମେରିକା, ଆୟୋଜକ ଦେଶ ଭାବେ, ସିଧାସଳଖ ପ୍ରବେଶ ପାଇବ, କିନ୍ତୁ ଅବଶିଷ୍ଟ ପା*ଟି ସ୍ଥାନ ପାଇଁ କଡ଼ା ଯୋଗ୍ୟତା ନିୟମ ରହିଛି ।

ଆନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଅନୁଯାୟୀ, ଏସିଆ, ଓସେନିଆ, ୟୁରୋପ, ଓ ଆଫ୍ରିକାରୁ ଶୀର୍ଷ ଟି-୨୦ ରାଙ୍କିଂ ଦଳଗୁଡ଼ିକ ସିଧାସଳଖ ଯୋଗ୍ୟତା ହାସଲ କରିବେ । ଏସିଆରୁ କେବଳ ଏକ ଦଳ-ଯଦି ଭାରତ ଆଇସିସି ଟି-୨୦ ରାଙ୍କିଂରେ ଶୀର୍ଷରେ ରହେ, ତେବେ ସେ ଯୋଗ୍ୟତା ପାଇବ, ଅନ୍ୟଥା




ପାକିସ୍ତାନ, ଶ୍ରୀଲଙ୍କା କିମ୍ବା ଅନ୍ୟ ଏସୀୟ ଦଳ ସୁଯୋଗ ପାଇପାରେ । ଷଷ୍ଠ ଦଳର ଚୟନ ଏକ ଯୋଗ୍ୟତା ଟୁର୍ଣ୍ଣାମେଂଟ ମାଧ୍ୟମରେ ହେବ, ଯେଉଁଠାରେ ନ୍ୟୁଜିଲ୍ୟାଣ୍ଡ, ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନ ଭଳି ଦଳମାନେ ଲଢ଼ି ଶେଷ ସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ ।

ଏହି କଡ଼ା ନିୟମ କ୍ରିକେଟ ଜଗତରେ ଉତ୍ତେଜନା ସୃଷ୍ଟି କରିଛି । ଭାରତ, ଯିଏ ୨୦୨୪ ଟି-୨୦ ବିଶ୍ୱକପ ଜିତିଛି, ତାଙ୍କୁ ରାଙ୍କିଂରେ ଶୀର୍ଷରେ ରହିବାକୁ ହେବ । ଅନ୍ୟପକ୍ଷରେ, ଇଂଲଣ୍ଡ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଭଳି ଦଳମାନେ ନିଜ ମହାଦେଶରୁ ସ୍ଥାନ ପାଇଁ ତୀବ୍ର ପ୍ରତିଯୋଗିତାରେ ଲିପ୍ତ ହେବେ । ଆମେରିକାର ସ୍ୱୟଂଚାଳିତ ପ୍ରବେଶ ଏକ ନୂଆ ମୋଡ଼ ଯୋଡୁଛି, କାରଣ ସେମାନେ ଆଇସିସିର ପୂର୍ଣ୍ଣ ସଦସ୍ୟ ନୁହନ୍ତି ।

ଜୁଲାଇ ୨୦୨୫ରେ ଆଇସିସିର ସିଙ୍ଗାପୁର ବୈଠକରେ ଯୋଗ୍ୟତା ନିୟମ ଚୂଡ଼ାନ୍ତ ହେବ । କେତେକ ସୂତ୍ର ଅନୁଯାୟୀ, ୨୦୨୮ ଟି-୨୦ ବିଶ୍ୱକପକୁ ଯୋଗ୍ୟତା ଟୁର୍ଣ୍ଣାମେଂଟ ଭାବେ ବ୍ୟବହାର କରାଯାଇପାରେ । ଏହି ଅଲିମ୍ପିକ୍ସ କ୍ରିକେଟର ବିଶ୍ୱବ୍ୟାପୀ ଜନପ୍ରିୟତାକୁ ବଢ଼ାଇବ ଓ ନୂଆ ପ୍ରତିଭାଙ୍କୁ ଆଲୋକପାତ କରିବ । ଭାରତୀୟ ପ୍ରଶଂସକଙ୍କ ପାଇଁ ଏହା ଏକ ସ୍ୱପ୍ନମୟ ମୁହୂର୍ତ୍ତ, କିନ୍ତୁ ସେ ଶୀର୍ଷ ରାଙ୍କିଂ ହାସଲ କରି ଏହି ସୁଯୋଗକୁ ହାତଛଡ଼ା ନ କରୁ ବୋଲି ଆଶା ରହିଛି ।

## ସିନ୍ନର ଜିତିଲେ ୱିମ୍ବଲଡନ୍ ଓପନ୍

**ପ୍ୟାରିସ୍:** ମହିଳା ଏକକ ଭଳି ପୁରୁଷ ଏକକରେ ମଧ ୱିମ୍ବଲଡନ୍ ଓପନ୍‌କୁ ମିଳିଛି ନୂଆ ବିଜେତା । ବହୁ ପ୍ରତୀକ୍ଷିତ ପୁରୁଷ ଏକକ ଫାଇନାଲ୍‌ରେ ୨୩ ବର୍ଷୀୟ ଇଟାଲୀୟ ତାରକା ୟାନିକ୍ ସିନ୍ନର ଦୁଇ ଥର ବିଜେତା ତଥା ୨୨ବର୍ଷୀୟ ସ୍ପେନ୍‌ର କାର୍ଲୋସ୍ ଆଲକାରାଜଙ୍କୁ ୪-୬, ୬-୪, ୬-୪, ୬-୪ ସେଟ୍‌ରେ ପରାସ୍ତ କରି ଅଲ୍‌ଇଂଲଣ୍ଡ ଲନ୍‌ରେ ପ୍ରଥମ ଥର ଟ୍ରଫି ଧରିବାର ଗୌରବ ଅର୍ଜନ କରିଛନ୍ତି । ପ୍ରଥମ ଓ ଦ୍ୱିତୀୟ ସିଡ୍‌ଙ୍କ ମଧରେ ହୋଇଥିବା ଏହି ମହାଲଢ଼େଇର ପ୍ରଥମ ସେଟ୍‌କୁ ସିନ୍ନର ହାରିଯାଇଥିଲେ । ତେବେ ପରବର୍ତୀ ତିନିଟି ସେଟ୍‌କୁ ସମାନ ୨ ପଏଂଟ୍ ବ୍ୟବଧାନରେ ଜିତି ଇତିହାସ ରଚିଥିଲେ । ୱିମ୍ବଲଡନ୍ ଓପନ୍ ଜିତିବାରେ ସେ ମଧ ପ୍ରଥମ ଇଟାଲୀୟ ଏବଂ ୧୯୬୮ରେ ଓପନ୍ ଏରା ଆରମ୍ଭ ହେବା ପରଠାରୁ ୨୩ତମ ଖେଳାଳି ହୋଇଥିଲେ । ଅନ୍ୟପକ୍ଷରେ ଗତ ଦୁଇ ବର୍ଷ ଏଠାରେ ବିଜେତା ହୋଇଥିବା ଆଲ୍‌କାରାଜ ୱିମ୍ବଲଡନ୍ ଓପନ୍‌ରେ ଲଗତାର ୧୮ ବିଜୟ ପରେ ପ୍ରଥମ ପରାଜୟ ବରଣ କରି ଉପବିଜେତାରେ ସନ୍ତୁଷ୍ଟ ରହିଥିଲେ ।

Printed by **Printers Craft** Published by **Jitendra Kumar Mohanty** on behalf of Bandana Tripathy, printed at Khordha and published at Plot No-A/16 At-Budhanagar, Po- Budheswari, PS- Laxmisagar, Odisha. Phone : 7008126355, mail : odishafast5@gmail.com.

ସମ୍ପାଦକ: ଜିତେନ୍ଦ୍ର କୁମାର ମହାନ୍ତି

**Editor : Jitendra Kumar Mohanty**